visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.198 Bhubaneswar Friday, September 24, 2021 ୨୪ତମ ବର୍ଷ ସଂଖ୍ୟା-୧୯୮ ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୪, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ଆମେରିକାର ୱାଶିଂଟ ଡି.ସି.ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ କ୍ୱାଲକମ ସି.ଇ.ଓ. କ୍ରିଷ୍ଟିଆନୋ ଆର. ଅମନ୍‌ଙ୍କ ସାକ୍ଷାତ୍ ଆଲୋଚନା

## ଦୂର୍ଗାପୂଜା ପାଇଁ ବିଏମସିର ଗାଇଡ୍ ଲାଇନ୍ ଜାରି

### - ପୂଜାମଣ୍ଡପକୁ ଶ୍ରଦ୍ଧାଳୁଙ୍କୁ ବାରଣ - ହୋଇପାରିବନି ଭସାଣୀ, ସାଂସ୍କୃତିକ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୩।୯(ପି.ଏନ): ଦଶହରା ପୂଜା ପାଳନ ନେଇ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଗାଇଡଲାଇନ ଜାରି ହୋଇଛି। ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ଏହାସହିତ ମେଢ଼ ବିସର୍ଜନ ପାଇଁ ଭସାଣୀ ଶୋଭାଯାତ୍ରା ହୋଇପାରିବ ନାହିଁ। କୌଣସି ପରିସ୍ଥିତିରେ ପୂଜା ମଣ୍ଡପରେ ଏକସଙ୍ଗେ ୭ଜଣରୁ ଅଧିକ କମିଟି ସଦସ୍ୟ ଉପସ୍ଥିତ ରହିବେ ନାହିଁ ବୋଲି ବିଏମସି ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ବିଏମସି କମିଶନରଙ୍କ ଦ୍ୱାରା ଜାରି ଦଶହରା ପୂଜା ପାଳନ ନିମନ୍ତେ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ରାଜ୍ୟରେ କୋଭିଡ୍-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଦ୍ୱାରା ଅଗଷ୍ଟ ୩୧ତାରିଖରେ ଜାରି ଗାଇଡଲାଇନ ଅନୁସାରେ ବିଏମସି ପକ୍ଷରୁ କେତେକ ପଦକ୍ଷେପ ନିଆଯାଇଛି। ବିଏମସି ଅଂଚଳରେ ସମସ୍ତ ଦୁର୍ଗା ପୂଜା ପାଳନ ନିମନ୍ତେ ଲୋକଙ୍କ ଏକଜୁଟ ପାଇଁ ଅନୁମତି ମିଳିବ ନାହିଁ। ପୂଜା କମିଟି ଓ ଆୟୋଜକମାନେ ପୂଜା ମଣ୍ଡପ ବା ପେଣ୍ଡାଲରେ କୋଭିଡ୍-୧୯ ନିୟମକୁ କଡ଼ାକଡ଼ି ପାଳନ କରିବେ। ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ଓ ସାନିଟାଇଜେସନ୍ ନିୟମକୁ ପାଳନ କରିବା ସହ ପୁଲିସ କମିଶନରଙ୍କଠୁ ପୂଜା ମଣ୍ଡପ ନିମନ୍ତେ ଅନୁମତି ନେବେ। ପୂଜା ବେଶୀ ଆଡ଼ମ୍ବରପୂର୍ଣ୍ଣ ହେବ ନାହିଁ। କେବଳ ରୀତିନୀତି ପାଇଁ ପୂଜାର୍ଚ୍ଚନା ହେବ। ଏହି ପୂଜା ମଣ୍ଡପରେ ତିନିପଟ ବନ୍ଦ ରଖାଯିବ ଓ ଗୋଟିଏ ପଟ କେବଳ ପୂଜକଙ୍କ ରୀତିନୀତି ନିମନ୍ତେ ଖୋଲା ରହିବ। ତେବେ ଏହି ଚତୁର୍ଥ ପଟକୁ ମଧ୍ୟ ଠିକ୍ ଭାବେ ଢାଙ୍କିବାକୁ ପଡ଼ିବ,ଯାହାଫଳରେ ଶ୍ରଦ୍ଧାଳୁମାନେ ଦର୍ଶନ କରିପାରିବେ ନାହିଁ। ମୂର୍ତ୍ତିର ଉଚ୍ଚତା ସର୍ବାଧିକ ୪ଫୁଟ ରହିବ। ବିସର୍ଜନ ପାଇଁ ବିଏମସି ପକ୍ଷରୁ କୃତ୍ରିମ ପୋଖରୀ ସୃଷ୍ଟି କରାଯିବ। ବିସର୍ଜନବେଳେ ସର୍ବାଧିକ ୧୦ଜଣ ଲୋକଙ୍କୁ ଏକଜୁଟ ହେବାକୁ ଅନୁମତି ଦିଆଯାଉଥିବାରୁ ମୂର୍ତ୍ତିର ଉଚ୍ଚତା ଓ ଓଜନକୁ ସୀମିତ ରଖିବାକୁ ବିଏମସି କମିଶନର ପରାମର୍ଶ ଦେଇଛନ୍ତି। ଏହାସହିତ ଯେଉଁମାନେ ବିସର୍ଜନରେ ସାମିଲ ହେବେ, ସେମାନେ କୋଭିଡ୍ ଟିକା ଦୁଇ ଡୋଜ୍ ନେଇଥିବାକୁ ପୂଜା କମିଟି ସୁନିଶ୍ଚିତ କରାଇବେ।ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ମଧ୍ୟ ରୋକ୍ ଲଗାଯାଇଛି। ପୂଜା କମିଟି ନିଜର ସମସ୍ତ ସଦସ୍ୟଙ୍କୁ କୋଭିଡ୍ ଟିକାର ସାର୍ଟିଫିକେଟ ପାଖରେ ସବୁବେଳେ ରଖିବା ଓ ଯାଂଚବେଳେ ଦେଖାଇବା ନିମନ୍ତେ ଅବଗତ କରାଇବେ ବୋଲି ବିଏମସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ୨୪ ସନ୍ଧ୍ୟାରେ ଲଘୁଚାପ, ୨୫ରୁ ବର୍ଷା

ଭୁବନେଶ୍ୱର, ୨୩।୯(ପି.ଏନ): ଗତକାଲିର ଘୁର୍ଣ୍ଣି-ବଳୟ ମିଆଁମାର ଉପକୂଳ ତତସଂଲଗ୍ନ ମାର୍ଟାବାନ୍ ଉପକୂଳ ଅଂଚଳରେ ସକ୍ରିୟ ରହିଛି । ଏହା ଉତର-ପଶ୍ଚିମ ଦିଗକୁ ଗତି କରି, ଉତର-ପୂର୍ବ ଏବଂ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ପହଂଚିବ। ଏହାର ପ୍ରଭାବରେ ୨୪ତାରିଖ ସନ୍ଧ୍ୟା ବେଳକୁ, ସମାନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଲଘୁଚାପ ପ୍ରଭାବରେ ରାଜ୍ୟର କେତେକ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଂଟା ମଧ୍ୟରେ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହୋଇପାରେ। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ୨୫ ତାରିଖରୁବର୍ଷା ବଢ଼ିବା ସହ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଲାଗି ରହିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

## ୧୮ ବର୍ଷରୁ କମ୍ ବାଳିକା ରଗ୍‌ବୀ ଦଳକୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୯(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭାରତୀୟ ୧୮ ବର୍ଷରୁ କମ୍ ବାଳିକା ରଗ୍‌ବୀ ଦଳର ସଦସ୍ୟମାନଙ୍କ ସହ ବାର୍ତ୍ତାଳାପ କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି। ଉଜବେକିସ୍ଥାନର ତାସ୍‌କେଂଟଠାରେ ଆୟୋଜିତ ୧୮ ବର୍ଷରୁ କମ୍ ଏସୀୟ ବାଳିକା ରଗବୀ ଚମ୍ପିଅନ୍‌ସିପ୍ ୨୦୨୧ରେ ରୌପ୍ୟ ପଦକ ହାସଲ କରିଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି ।ମୁଖ୍ୟମନ୍ତ୍ରୀ ଦଳକୁ ସେମାନଙ୍କର ସଫଳତା ପାଇଁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଚମତ୍କାର କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି ଏବଂ ଅଳ୍ପକେ ସ୍ୱର୍ଣ୍ଣ ପଦକରୁ ବଂଚିତ ହୋଇଛନ୍ତି । ରାଜ୍ୟ ଏହି ସଫଳତା ପାଇଁ ଗୌରବାନ୍ୱିତ ଏବଂ ଖେଳାଳୀମାନେ ସେମାନଙ୍କର ଧୈର୍ଯ୍ୟ, ଗତି, କୌଶଳ ଏବଂ ଦୃଢ଼ସଂକଳ୍ପ ପ୍ରଦର୍ଶନ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି । ଦଳ ଆଗାମୀ ବର୍ଷମାନଙ୍କ ନିମନ୍ତେ ଏକ ନୂତନ ଯାତ୍ରା ଆରମ୍ଭ କରିବ ଏବଂ ଇତିହାସ ରଚନା କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ଜ୍ଞାପନ କରିଛନ୍ତି ।ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ କେନ୍ଦ୍ରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଭିନୀଲ କ୍ରିଷ୍ଣା, ଭାରତୀୟ ରଗ୍‌ବି ଫୁଟ୍‌ବଲ୍ ୟୁନିଅନ୍ ସଭାପତି ବିକ୍ରମ ଆହୁଜା, ରଗ୍‌ବି ଇଣ୍ଡିଆ ବୋର୍ଡ ସଦସ୍ୟ ତଥା ଅଭିନେତା, ନିର୍ଦ୍ଦେଶକ ରାହୁଲ ବୋଷ ଏବଂ ଓଡ଼ିଶା ରଗ୍‌ବି ଫୁଟ୍‌ବଲ୍ ସଂଘ ସଭାପତି ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟ ସୂଚନା କମିଶନର ହେଲେ ଜଳଦ ତ୍ରିପାଠୀ

ଭୁବନେଶ୍ୱର, ୨୩।୯(ପି.ଏନ): ଜଳଦ ତ୍ରିପାଠୀ ହେଲେ ରାଜ୍ୟର ମୁଖ୍ୟ ସୂଚନା କମିଶନର । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଜଳଦ ତ୍ରିପାଠୀଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦିଆଯାଇଛି। ସୁନୀଲ ମିଶ୍ରଙ୍କ କାର୍ଯ୍ୟକାଳ ଶେଷ ପରେ ମୁଖ୍ୟ ସୂଚନା କମିଶନର ପଦବୀ ଖାଲିଥିଲା ।ତାମିଲନାଡୁ କ୍ୟାଡରର ୧୯୮୫ ବ୍ୟାଚ୍ ର ଭାରତୀୟ ପୁଲିସ୍ ସେବା ଅଧିକାରୀ ଶ୍ରୀ ତ୍ରିପାଠୀ ତାମିଲନାଡୁର ପୋଲିସ ଡିଜି ପଦବୀରୁ ଅବସର ଗ୍ରହଣ କରିଛନ୍ତି । ଏଥି ପୂର୍ବରୁ ସେ ତିରୁଚିରାପଲ୍ଲୀ ଓ ଚେନ୍ନାଇ ମହାନଗରର ପୁଲିସ୍ କମିଶନର ଭାବେ କାର୍ଯ୍ୟ କରିଥିଲେ। ଶ୍ରୀ ତ୍ରିପାଠୀ ୨୦୦୮ ମସିହାରେ ପ୍ରଥମ ଆଇପିଏସ୍ ଭାବେ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେସନ୍ ରେ ଉଲ୍ଲେଖନୀୟ ସେବା ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ସଡ଼କ ସୁରକ୍ଷା ଦିଗରେ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ୨୦୧୯ ମସିହାରେ ସର୍ବୋତ୍କୃଷ୍ଟ ରାଜ୍ୟ ଭାବେ ତାମିଲନାଡୁକୁ ଭାରତ ସରକାର ପୁରସ୍କୃତ କରିଥିଲେ। ଆଇନଶୃଙ୍ଖଳା ପରିଚାଳନାରେ ତାଙ୍କର ଦକ୍ଷତା ପାଇଁ ତାମିଲନାଡୁ ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେବିବେଚିତ ହୋଇଥିଲା। ପୋଲିସ୍ ପ୍ରଶାସନରେ ଶୃଙ୍ଖଳିତ ସେବା ପ୍ରଦାନ ଓ ଜନତା-ପୋଲିସ୍ ମଧ୍ୟରେ ଅପୂର୍ବ ସମନ୍ୱୟ ପରିଚାଳନା କରି ଆନ୍ତର୍ଜାତିକ ସ୍ତରରେ ମଧ୍ୟ ସେ ପୁରସ୍କୃତ ହୋଇଛନ୍ତି।

## ରାଜ୍ୟରେ ଦିଆ ଯାଇଛି ୪ ଲକ୍ଷ ୫ ହଜାର କରୋନା ଡୋଜ

ଭୁବନେଶ୍ୱର,୨୩।୯(ପି.ଏନ): ବୁଧବାର ଦିନ ରାଜ୍ୟରେ ୪ ଲକ୍ଷ ୫ ହଜାର କରୋନା ଡୋଜ ଦିଆ ଯାଇଥିବା ବେଳେ ଦ୍ୱିତୀୟ ଡୋଜକୁ ମିଶାଇ ଏଯାବତ୍ ୨ କୋଟି ୮୭ ଲକ୍ଷ ଡୋଜ ଦିଆସରିଥିବା ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ ସେ କହିଛନ୍ତି ଯେ ୬୭ ପ୍ରତିଶତ ଲୋକ ପ୍ରଥମ ଡୋଜ ପାଇଛନ୍ତି। ଯେତିକି ଟିକାକରଣ ବାକି ଅଛି, ସେଥିରୁ ୭୨ ପ୍ରତିଶତ ଦ୍ୱିତୀୟ ଡୋଜ ପାଇସାରିଲେଣି। ଯେଉଁମାନେ ଟିକା ପାଇନାହାନ୍ତି, ସେମାନଙ୍କ ଜିଲ୍ଲାସ୍ତରୀୟ ତାଲିକା ପ୍ରସ୍ତୁତ କରାଯାଇଛି।ସେ କହିଛନ୍ତି ଯେ ଆଜି ଆଜି ୧୮୦୦ ଟିକାକରଣ ସେସନ ଚାଲିଛି। ଆଜି ୪ ଲକ୍ଷରୁ ଅଧିକ ଟିକାକରଣ ଲକ୍ଷ୍ୟ ରଖାଯାଇଛି। ଟିକା ବି ପର୍ଯ୍ୟାପ୍ତ ମହଜୁଦ ଅଛି। କେବଳ ଆଦିବାସୀ ଅଞ୍ଚଳ ନୁହେଁ, ଅନେକ ଅଞ୍ଚଳକୁ ନେଇ ଗୋଟିଏ କଥା ଦେଖାଦେଇଛି।

## ଗୋଟିଏ ଦିନରେ ୬୪୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୩।୯(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୬୪୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୨୫୯୪ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୮ ହଜାର ୬୭୧ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୭୧୩ ରହିଛି। ଆଜି ଚିହ୍ନଟ ହୋଇଥିବା ୬୪୪ ଜଣଙ୍କ ମଧ୍ୟରୁ ୩୭୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୬୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୮୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି । ଭଦ୍ରକରୁ ୫ ଜଣ ସଂକ୍ରମିତ ହୋଇଥିବା ବେଳେ ବଲାଙ୍ଗୀର ଜିଲ୍ଲାରୁ ୫ ଜଣ ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୭୭ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୪ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଜପତି ଜିଲ୍ଲାରୁ ୧ ଜଣ ଓ ଗଂଜାମ ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୮ ଜଣ, ଯାଜପୁରରୁ ୨୦ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୧୧ ଜଣ, କେନ୍ଦୁଝରରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୮୩ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି। ମାଲକାନଗିରି ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ଼ରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୨୨ ଜଣ, ରାୟଗଡ଼ାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୦, ସୋନପୁରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ରାଷ୍ଟ୍ରୀୟ ପୋଷଣ ଅଭିଯାନ ଦ୍ୱାରା ପିଲାମାନଙ୍କ ମଧ୍ୟରେ ମଧ୍ୟାହ୍ନ ଭୋଜନର ଲୋକପ୍ରିୟତା ବଢ଼ିଛି : ଧର୍ମେନ୍ଦ୍ର ପ୍ରଧାନ



ଉତରପ୍ରଦେଶ/ଭୁବନେଶ୍ୱର, ୨୩।୯(ପି.ଏନ): ରାଷ୍ଟ୍ରୀୟ ପୋଷଣ ମାସ ଅଧୀନରେ ନିଆଯାଇଥିବା ଉଦ୍ୟମ ଏବଂ ନୂଆ ଯୋଜନା ଦ୍ୱାରା ପିଲା ମାନଙ୍କ ମଧ୍ୟରେ ମଧ୍ୟାହ୍ନ ଭୋଜନ ପ୍ରତି ଲୋକପ୍ରିୟତା ବଢ଼ିଛି ବୋଲି ଗୁରୁବାର ଉତରପ୍ରଦେଶର ସିଦ୍ଧାର୍ଥନଗର ଠାରେ କେନ୍ଦ୍ରୀୟ ବିଦ୍ୟାଳୟର ନବନିର୍ମିତ ଭବନର ଲୋକାର୍ପଣ କରିବା ସହ ସାଧାରଣ ସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ତିନିଦିନିଆ ଉତରପ୍ରଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗସ୍ତର ଦ୍ୱିତୀୟ ଦିନରେ ରାଷ୍ଟ୍ରୀୟ ପୋଷଣ ମାସ ଅଭିଯାନରେ ସିଦ୍ଧାର୍ଥନଗର ସ୍ଥିତ ମଧୁବେନିଆ ପ୍ରାଥମିକ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନ ଭୋଜନ କରିଛନ୍ତି। ସେ କହିଛନ୍ତି ଯେ ସନ୍ତୁଳିତ ଭାବରେ ସୁସ୍ଥ ଖାଦ୍ୟକୁ ଏକ ଜନଆନ୍ଦୋଳନ କରିବା ଏବଂ ପୋଷଣ ଗତିବିଧିକୁ ପ୍ରୋତ୍ସାହନ ଦେବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ପ୍ରତିବଦ୍ଧ । ପ୍ରଧାନମନ୍ତ୍ରୀଙ୍କ ପୋଷଣ ଅଭିଯାନ ପରିକଳ୍ପନା ଅପପୃଷ୍ଟିକୁ ସମାପ୍ତ କରିବାରେ ସକରାତ୍ମକ ପରିବର୍ତନ ଆଣିବ ବୋଲି ସେ କହିଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟର ୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ଭବନ ସ୍ଥାନୀୟ ଅଂଚଳ ପାଇଁ ପ୍ରଧାନମନ୍ତ୍ରୀଙ୍କ ଉପହାର। ଆଧୁନିକ ଏବଂ ସର୍ବୋତମ ସୁବିଧା ବ୍ୟବସ୍ଥା ଥିବା ଏହି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାର ମାଧ୍ୟମ ହେବ। ଯେତେବେଳେ ଗୋଟିଏ ପିଲା ଶିକ୍ଷିତ ହୁଏ ସେତେବେଳେ ତାହାର ଲାଭ ପରିବାରକୁ ମିଳିଥାଏ। ଏହି ପବିତ୍ର ଭୂମିରେ ଗୁଣାତ୍ମକ ଶିକ୍ଷା ପ୍ରାପ୍ତ କରି ପିଲାମାନେ ଦେଶର ଭବିଷ୍ୟତର ନେତୃତ୍ୱକର୍ତା ହେବେ ।ପ୍ରଭାରୀ ଦାୟିତ୍ୱ ମିଳିବା ପରେ ନିଜ ପ୍ରଥମ ଉତରପ୍ରଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉତରପ୍ରଦେଶର ବିକାଶ ପାଇଁ ଅଭୁତପୂର୍ବ ପ୍ରାଥମିକତା ଦେଇଛନ୍ତି। ଆଜି ଲୋକାର୍ପିତ ବିଦ୍ୟାଳୟ ଭବନ ହେଉ କିମ୍ବା ଆଗାମୀ ଦିନ ଗୁଡ଼ିକରେ ମେଡ଼ିକାଲ କଲେଜ୍ ନିର୍ମାଣ, ଏହା ବିଜେପିର ଡ଼ବଲ ଇଞ୍ଜିନର ବିକାଶର ପ୍ରାଥମିକତାର ପରିଚୟ। ଉଜ୍ଜ୍ୱଳା ଭଳି ଯୋଜନା ଦ୍ୱାରା ଗରିବ ମାଆ ଭଉଣୀଙ୍କୁ ସଶକ୍ତ କରିବା ହେଉ କିମ୍ବା ଟିକାକରଣ ଅଭିଯାନ ଅଧୀନରେ ଅଧିକରୁ ଅଧିକ ଲୋକଙ୍କୁ ଟିକା ଦେବା ଉତରପ୍ରଦେଶ ଆଜି ସବୁ କ୍ଷେତ୍ରରେ ଉପଲବ୍ଧିର ନୂଆ ରେକର୍ଡ କରୁଅଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗତ ସାଢ଼େ ୪ ବର୍ଷରେ ରାଜ୍ୟର ପ୍ରତିଛବି ପରିବର୍ତନ କରିଛନ୍ତି।ବୈଶ୍ୱିକ ଚ୍ୟାଲେଞ୍ଜ୍ ସମୟରେ ଆଜି ଭାରତ ଦୁନିଆ ଆଗରେ ଏକ ଉଦାହରଣ ଭାବେ ଉଭା ହେଉଛି। ଉତରପ୍ରଦେଶ ମଧ୍ୟ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ବିଶ୍ୱରେ ଦୁନିଆ ଆଗରେ ନୂଆ କୀର୍ତିମାନ ସ୍ଥାପିତ କରୁଛି। ବିକାଶର ଏହି ଧାରାକୁ ବଜାୟ ରଖିବା ପାଇଁ ୨୦୨୨ରେ ମଧ୍ୟ ରାଜ୍ୟରେ ଯୋଗୀ ସରକାରର ଆବଶ୍ୟକତା ରହିଛି।

## ବଲାଙ୍ଗିରରେ ହେବ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ୍, ଖର୍ଚ୍ଚ ହେବ ସାଢ଼େ ୨୧ କୋଟି

ଭୁବନେଶ୍ୱର,୨୩।୯(ପି.ଏନ): ବଲାଙ୍ଗିରରେ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ ପ୍ରତିଷ୍ଠା ହେବ। ଆସନ୍ତା ୩୦ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ବିଜ୍ଞାନ ଓ କାରିଗରୀ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି ।ବଲାଙ୍ଗିର ପୌରାଂଚଳ ଅନ୍ତର୍ଗତ ତଲପାଲି ମୌଜାର ସୂର୍ଯ୍ୟନଗରଠାରେ ଏହି ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ କାର୍ଯ୍ୟ କରିବ । ପ୍ରାୟ ଦଶ ଏକରରୁ ଉର୍ଦ୍ଧ୍ୱ ପରିମିତ ଅଂଚଳରେ ନିର୍ମିତ ହେବାକୁ ଥିବା ଏହି ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ ନିମନ୍ତେ ୨୧.୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ହେବାକୁ ଥିବା ଏହି କେନ୍ଦ୍ର ପରିସରରେ ଏକ ପାର୍କରେ ବିଜ୍ଞାନ ସମ୍ବଳିତ ବିଭିନ୍ନ ନମୁନା ଓ ପ୍ରଦର୍ଶନ ସାମଗ୍ରୀ ରହିବ। ପିଲାମାନଙ୍କ ନିମନ୍ତେ ବିଜ୍ଞାନ କୌତୁକ ପ୍ରସଙ୍ଗ ସମେତ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଓ ପ୍ରାଣୀବିଜ୍ଞାନ ବିଷୟ ସଂପର୍କିତ ମତ ବିନିମୟ ନିମନ୍ତେ ବ୍ୟବସ୍ଥା କରାଯିବ। ଅନୁରୂପ ଭାବରେ ପ୍ଲାନେଟାରିୟମ୍ ରେ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କ ସକାଶେ ମହାକାଶ ଅଭିଯାନ, ବିଶ୍ୱବ୍ରହ୍ମାଣ୍ଡ ଏବଂ ବିବର୍ତନ ଇତ୍ୟାଦି ନେଇ ବିଭିନ୍ନ ପ୍ରଦର୍ଶନ ବ୍ୟବସ୍ଥା ରହିବ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ଉଲ୍ଲେଖ କରିଛନ୍ତି ।ଗୁରୁବାର ମନ୍ତ୍ରୀ ନିର୍ମାଣସ୍ଥଳି ପରିଦର୍ଶନ କରିଥିଲେ ଓ ବିଭାଗୀୟ ଅଧିକାରୀମାନଙ୍କ ସହିତ ବିଶଦ ଆଲୋଚନା କରିଥିଲେ । ବିଜ୍ଞାନ ଓ କାରିଗରୀ ବିଭାଗର ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ । ପୂର୍ବରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପଣ୍ଡା ୮ ଜଣ ଭିନ୍ନକ୍ଷମ ଦଂପତିଙ୍କୁ ଅଢ଼େଇ ଲକ୍ଷ ଟଙ୍କା ଲେଖାଏଁ ବିବାହ ପ୍ରୋତ୍ସାହନ ସହାୟତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାପାଳ ଚଂଚଲ ରାଣା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରଶ୍ମିରଂଜନ ସାହୁଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।




2021-2022

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada








# ଟି ଟାଇମ୍

# ସ୍ୱର୍ଗଦ୍ୱାର ପାଲଟିଛି ଗଛ



ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ’ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ’ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

# ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ପୁରାଣ କାହାଣୀ

# ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

# ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ’ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ‘କର୍ଫି’ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା’ ମଧ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା’। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା’ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା’। କାରଣ ସେହି ପେଣ୍ଟିଂ ଟି କୌଣସି






ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା’ ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା’ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

# ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ଓଡିଆ ସାହିତ୍ୟରେ ରହସ୍ୟ ଉପନ୍ୟାସ



ବିଶ୍ୱର ପାଠକମାନଙ୍କ ମଧ୍ୟରେ ଆଗଥା କ୍ରିଷ୍ଟଙ୍କ ରହସ୍ୟ ଉପନ୍ୟାସ,ସାର ଆର୍ଥର କୋନାନ ଦୟଲଙ୍କ ସେରଲକ ହୋଲମସ ସଂପର୍କିତ ଗଳ୍ପ ଓ ହାରି ପୋର୍ଟର ଭଳି ଭୌତିକ ଉପନ୍ୟାସର ବେଶ ଆଦର ରହିଛି । ଯେ କୌଣସି ପୁସ୍ତକ ଦୋକାନରେ ଏହି ଜାତୀୟ ପୁସ୍ତକ ବହୁଳ ସଂଖ୍ୟାରେ ବିକ୍ରୟ ପାଇଁ ଗଚ୍ଛିତ ଥାଏ । ଓଡିଶାରେ ମଧ୍ୟ ରହସ୍ୟ ଉପନ୍ୟାସର ଆଦର ୫୦ବର୍ଷ ତଳେ ଅସମ୍ଭବ ଭାବେ ଅଧିକ ଥିଲା । ହାଇସ୍କୁଲ ଓ କଲେଜ ପଢୁଆ ପିଲାଙ୍କ ମଧ୍ୟରେ ବିଭିନ୍ନ ଡିଟେକଟିଭ ପୁସ୍ତକର ବଡ ଚାହିଦା ଥିଲା । ସେସବୁର ଲୋକ ପ୍ରିୟତାକୁ ଆଖି ଆଗରେ ରଖି ସିରିଜ ମାନ ଲେଖା ଯାଇଥିଲା । ସେଗୁଡିକ ମଧ୍ୟରୁ ଦସ୍ୟୁ ରବିନ ସିରିଜ, ମିରା ସିରିଜ, ତ୍ରିପୁର ସୁନ୍ଦରୀ, ମନମୋହିନୀ ସିରିଜ ପ୍ରଧାନ । ଚମ୍ବଲ ଉପତ୍ୟକାର ଡାକୁ ସମ୍ରାଟ ମାନସିଂ, ଦସ୍ୟୁରାଣୀ ଫୁଲନକୁ ନେଇ ଅନେକ ଉପନ୍ୟାସ ଲେଖା ହୋଇଥିଲା । ଭାବାନୀ ବାବୁ ଡିଟେକଟିଭଙ୍କ ନାମ ଏବେ ବି ମନେ ଅଛି। କଣ୍ଢୁରି ଚରଣ ଦାସ, ଗିରିଧାରୀ ମହାରଣା, ଭୂପେନ ଗୋସ୍ୱାମିଙ୍କ ଭଳି ଲେଖକମାନେ ବେଶ ପାଠକଙ୍କ ପ୍ରିୟ ଥିଲେ । ସେତେବେଳେ ଗାଁର ପାଠାଗାରମାନଙ୍କରେ ଏସବୁ ବହି ମିଳୁଥିଲା । ପରବର୍ତ୍ତି ସମୟରେ କେତେକ ଲେଖକ ନିଜକୁ ରହସ୍ୟ ସମ୍ରାଟ,ରହସ୍ୟ କୁମାର ଛଦ୍ମ ନାମରେ ଡିଟେକଟିଭ ବହିମାନ ଲେଖିଲେ । ମାସିକ ଚକ୍ରାନ୍ତ,ମାସିକ ଡିଟେକଟିଭ, ସତ୍ୟ ଅପରାଧ ଘଟଣା ଭଳି ମାସିକ ପତ୍ରିକାମାନ ବଜାରରେ ମିଳିଲା । ବିଶେଷତଃ ବସଷ୍ଟାଣ୍ଡମାନଙ୍କରେ ଯାତ୍ରୀମାନଙ୍କ ହାତରେ ନିଶ୍ଚୟ ଏ ଧରଣର ପତ୍ରିକା ଦେଖିବାକୁ ମିଳୁଥିଲା । ସେତେବେଳେ କେତେକ ଔପନ୍ୟାସିକ ଗାଁ ଗହଳର ଅଳ୍ପ ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ଉପନ୍ୟାସମାନ ଲେଖୁଥିଲେ । ଏଗୁଡିକ କଲିକତାରୁ ପ୍ରକାଶ ପାଉଥିଲା । ଭାଗିରଥି ଦାସ ସେମାନଙ୍କ ମଧ୍ୟରେ ପ୍ରଧାନ । ଅଳ୍ପ ଶିକ୍ଷିତ ଗ୍ରାମ୍ୟ ବାଳିକା ସେଗୁଡିକୁ ପଢି ସଂସାର, ପ୍ରେମ, ଘରକରଣା ବିଷୟରେ ଜାଣୁଥିଲା । ବିଦେଶରେ ଥିବା ସ୍ୱାମୀଙ୍କ ପାଖକୁ ଚିଠି ଦେଉଥିଲା । ବିବାହ ବେଳେ ସାଙ୍ଗରେ ବାକ୍ସ ଭର୍ତ୍ତି ବହି ଯାଉଥିଲା । ସେହିଭଳି ପରିବାରଠାରୁ ବିଛିନ୍ନ ହୋଇ କଲିକତାର ଲକ୍ଷ ଲକ୍ଷ ଓଡିଆ ଶ୍ରମିକ ମାନଙ୍କ ପାଇଁ ଏହି ବହି ସବୁ ଅତ୍ୟନ୍ତ ପ୍ରିୟ ଥିଲା । ଲୋକେ ଜାନିଯାତ୍ରାକୁ ଗଲେ ଏ ସବୁ ବହିରୁ ନିଶ୍ଚୟ ଗୋଟେ କିଣୁଥିଲେ । କାଳକ୍ରମେ ଏ ସବୁ ପୁସ୍ତକର ଲେଖିବା କମିଗଲା । କାରଣ ଏ ଧରଣର ପୁସ୍ତକକୁ ଆମର ସାହିତ୍ୟର ବଡପଣ୍ଡାମାନେ ଶସ୍ତା ସାହିତ୍ୟ ବୋଲି ଭାବିଲେ । ସେମାନଙ୍କର ଭୁଲ ହେଲା ଅତ୍ୟନ୍ତ ସରଳ ଭାବରେ ତାହା ଲେଖା ଥିଲା । କଳ୍ପନା ଅପେକ୍ଷା ବାସ୍ତବତାକୁ ଅଗ୍ରାଧିକାର ଦିଆଯାଉଥିଲା । ଏସବୁ ସାହିତ୍ୟ ଲେଖିଲେ ସମ୍ବର୍ଦ୍ଧନା ବା ମାନପତ୍ର ମିଳିବ ନାହିଁ । ସଭାରେ ଶସ୍ତା ଉପନ୍ୟାସର ଲେଖକ ବୋଲି ଉପହସିତ ହେବେ । ତେଣୁ ଲେଖକମାନେ ଏଭଳି ପ୍ରକାର ବହି ଲେଖିବା ଛାଡିଦେଲେ ଓ ସମ୍ଭ୍ରାନ୍ତ ସାହିତ୍ୟର ସଭ୍ୟ ହୋଇଗଲେ । ଯେଉଁ ସାହିତ୍ୟକୁ ସାଧାରଣ ଲୋକ ଦୁର୍ବୋଧ, ଅବୋଧ, ନିର୍ବୋଧ ବୋଲି ଷ୍ଟାମ୍ପ ବହୁ ଦିନରୁ ମାରିସାରିଛି । ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇ ସାହିତ୍ୟ ସଭା, କବିତା ପାଠୋତ୍ସବ, ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ନିଜକୁ ସୀମିତ ରଖିଛି । ଓଡିଆ ଭାଷାର ଅନେକ ଲୋକପ୍ରିୟ ପତ୍ରିକା ସୁଚରିତା, ଜହ୍ନମାମୁଁ, ପୌରୁଷ ପ୍ରାୟ ଲୋପ ହେବାକୁ ବସିଲାଣି, କାରଣ ଏଥିପାଇଁ ମନକୁ ଛୁଇଁଲା ଭଳି ଲେଖା ଆସୁନାହିଁ । ନିଜ ସଂଚିତ ଅର୍ଥରେ ବହି ଛପାଇ ମାଗଣାରେ ବାଣ୍ଟିବା ହିଁ ଆଜିର ସାହିତ୍ୟ । ସାହିତ୍ୟ ସଭାରୁ ଫେରିଲା ପରେ ବ୍ୟାଗରେ ଗୋଛାଏ ବହି ଦେଖି, ଘରଣୀଙ୍କ ଭୀମ ଗର୍ଜନ, “ସେ ବାଜେ ବହି ରଖିବାକୁ ଘରେ ଯାଗା ନାହିଁ, ତୁମ ଜିନିଷ କୋଉଠି ସାଇତି ରଖ; ନଇଲେ ରଦି କାଗଜବାଲାକୁ ସବୁ ଦେଇଦେବି !” ଏହା ହିଁ ସମ୍ଭ୍ରାନ୍ତ ସାହିତ୍ୟର ଅବସ୍ଥା ।

**ଡାଃ ସୁରେନ୍ଦ୍ର ନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ମୋ:୯୪୩୭୨୩୫୩୮୬

# ଇଚ୍ଛାମୃତ୍ୟୁ, ଆଇନ ଓ ଜୀବନର ପରାଜୟ

ଭୁବନେଶ୍ୱର (ପିଏନ୍): ଇଚ୍ଛାମୃତ୍ୟୁ ବା ପାସିଭ ୟୁଥାନାସିଆ ଚାହୁଁଥିବା ବ୍ୟକ୍ତିଙ୍କୁ ନିଜର ଇଚ୍ଛା ପତ୍ର ଲେଖିବାକୁ ପଡ଼ିବ। ମାନ୍ୟବର ସୁପ୍ରିମକୋର୍ଟ ଇଚ୍ଛାମୃତ୍ୟୁକୁ ଅନୁମତି ପ୍ରଦାନ କରିବା ସହ ଏ ନେଇ ବିସ୍ତୃତ ନିର୍ଦ୍ଦେଶାବଳୀ ମଧ ଜାରି କରିଛନ୍ତି। ମାନସିକ ଭାବେ ସୁସ୍ଥ ଥିବା, ନିଜର ବୟାନ ଦେଇପାରୁଥିବା ଓ ଏହି ଇଚ୍ଛାପତ୍ର ପରିଣତି କ'ଣ ହେବ ତାକୁ ଭଲ ଭାବେ ବୁଝିପାରୁଥିବା ଯେ କୌଣସି ପ୍ରାପ୍ତ ବୟସ୍କ ବ୍ୟକ୍ତି ଏହାକୁ ଲେଖିପାରିବେ। ସେହିପରି ଇଚ୍ଛାମୃତ୍ୟୁ ବେଳକୁ ଯଦି ସେ କୋମା ଅବସ୍ଥାକୁ ଚାଲି ଆସିଥିବେ ସେ କ୍ଷେତ୍ରରେ ତାଙ୍କ ଉପରେ ପରିବାରର କେଉଁ ବ୍ୟକ୍ତି ନିଷ୍ପତ୍ତି ନେବେ ତାହା ମଧ ଇଚ୍ଛାପତ୍ରରେ ଉଲ୍ଲେଖ କରିବାକୁ ପଡ଼ିବ। ଇଚ୍ଛାପତ୍ର ଲେଖିଥିବା ବ୍ୟକ୍ତି ଯଦି ଅସାଧ କିମ୍ବା ଦୂରାରୋଗ୍ୟବ୍ୟାଧିରେ ପଡ଼ନ୍ତି ତେବେ ପରିବାର ଲୋକ ପ୍ରଥମେ ଡାକ୍ତରଙ୍କ ସହ ପରାମର୍ଶ କରିବେ, ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଇଚ୍ଛାପତ୍ରକୁ ଯାଞ୍ଚ କରାଯିବ ଓ ଡାକ୍ତର ଯେତେବେଳେ ଜାଣିବେ ଯେ ସମ୍ପୃକ୍ତ ବ୍ୟକ୍ତି ଆଉ ଅଧିକ ଦିନ ବଞ୍ଚିପାରିବେ ନାହିଁ ଓ ଲାଇଫ୍ ସପୋର୍ଟ ସିଷ୍ଟମରେ କେବଳ ବଞ୍ଚିପାରିବେ ସେତେବେଳେ ମେଡ଼ିକାଲ ବୋର୍ଡ଼ ଗଠନ ହେବ ଓ ପରେ ଘରଲୋକଙ୍କ ସହ ଆଲୋଚନା କରାଯାଇ ରୋଗୀଟିର ଲାଇଫ୍ ସପୋର୍ଟ ସିଷ୍ଟମ କଢ଼ାଯିବ କି ନାହିଁ ସ୍ଥିର କରାଯିବ। ସେହିପରି ପ୍ରଶ୍ନ ଉଠୁଛି ଯେ ବାସ୍ତବରେ ଇଚ୍ଛାପତ୍ରଟି କ'ଣ ? ଜଣେ ବ୍ୟକ୍ତି ସ୍ୱାଭାବିକ ମାନସିକ ଅବସ୍ଥାରେ ସୁସ୍ଥ ଥିବାବେଳେ ହିଁ ନିଜ ଇଚ୍ଛାପତ୍ର ପ୍ରସ୍ତୁତି କରିଥାନ୍ତି ଏହା ଏକ ଆଇନଗତ ପ୍ରକ୍ରିୟା। ଇଚ୍ଛା-ମୃତ୍ୟୁର ସପକ୍ଷରେ ଯେତିକି ଯୁକ୍ତି ରଖାଯାଏ, ବିପକ୍ଷରେ ବି କରାଯାଏ ତତୋଽଧିକ ଯୁକ୍ତି ଓ ଦାବି। ସପକ୍ଷବାଦୀଙ୍କ କହିବା କଥା ଯଦି କାହାର ଆଦୌ ଆଉ ସୁସ୍ଥ ହେବାର ନାହିଁ, ଅସୁସ୍ଥତା ଯଦି କାହାକୁ ଅସହ୍ୟ ଯନ୍ତ୍ରଣା ଦେଉଛି, ମୃତ୍ୟୁ ଯଦି ତାଙ୍କର ଅବଶ୍ୟମ୍ଭାବୀ ତେବେ ତାଙ୍କୁ ଆଉ ଅଧିକ କଷ୍ଟ, ଯନ୍ତ୍ରଣା ଦେବାର କୌଣସି କାରଣ ବା ଯଥାର୍ଥତା ନାହିଁ। ବରଂ ଯନ୍ତ୍ରଣାହୀନ ମୃତ୍ୟୁ ପାଇଁ ତାଙ୍କୁ ଅନୁମତି, ସବୁଜସଙ୍କେତ ଦିଆଯିବା ଉଚିତ। ଏ ଦିଗରେ ଚିକିତ୍ସକ ତାଙ୍କୁ ସବୁମତେ ସହାୟତା ଓ ସହଯୋଗ କରିବା ବି ଉଚିତ। ତାଙ୍କ ମୃତ୍ୟୁ ଓ ଶେଷ ସମୟ କିପରି ସୁଖଦ, ଯନ୍ତ୍ରଣାହୀନ ହେବ ତାହା ନିଶ୍ଚିତ କରିବା ଉଚିତ। ଏଣୁ ନିଜ ପାଇଁ ସମ୍ମାନଜନକ ବା ମର୍ଯ୍ୟାଦାଜନକ ଭାବେ ମୃତ୍ୟୁର ବାଟ ବାଛିବା ଜଣଙ୍କର ଅଧିକାର। ସରକାର ହୁଅନ୍ତୁ ବା ରାଷ୍ଟ୍ର, ଏପରି କ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କୁ ବଞ୍ଚାଇଖି, ଯନ୍ତ୍ରଣାପୂର୍ଣ୍ଣ କଷ୍ଟକର ଜୀବନ ବିତାଇବାକୁ ବାଧ୍ୟ କରିବା ଅପେକ୍ଷା ତାଙ୍କୁ ତାଙ୍କ ମର୍ଜିରେ ମୃତ୍ୟୁର ରାସ୍ତା ବାଛିନେବାକୁ ସ୍ୱାଧୀନତା ଦେବା ଦରକାର। ଏଣୁ ଏଥିପାଇଁ ସ୍ୱତନ୍ତ୍ର ନିୟମ ଓ ବ୍ୟବସ୍ଥା ପ୍ରଣୟନ ହେବା ମଧ ଦରକାର। ଅପରପକ୍ଷରେ ବିପକ୍ଷବାଦୀମାନଙ୍କ କହିବା କଥା କି ମୃତ୍ୟୁ କେବେ କାହାର ଅଧିକାର ହୋଇପାରେନା। ସବୁ ଯନ୍ତ୍ରଣାର ଉପଶମ ଅଛି। ମୃତ୍ୟୁ କେବେ ଉପଶମର ବିକଳ୍ପ ହୋଇପାରେନା। ଯନ୍ତ୍ରଣା, କଷ୍ଟର ବିକଳ୍ପ ଉପଶମ ବ୍ୟବସ୍ଥା ଅଛି ପ୍ରଚୁର ଅଛି। ଏଣୁ ଇଚ୍ଛାମୃତ୍ୟୁକୁ ଅଧିକାରର ଆଖ୍ୟା ଦେଲେ ବିଭ୍ରାଟ ହୋଇଯିବ। ତାଛଡ଼ା ଯେତେ ନିୟମ କାନୁନ୍ କଲେ ବି ଏ ବ୍ୟବସ୍ଥାକୁ ନିୟନ୍ତ୍ରଣ, ପରିଚାଳନା କରିବା ସହଜ କି ସମ୍ଭବ ନୁହେଁ। ଗୋଳମାଳ ହେବ। ପ୍ରକୃତିର ନିୟମରେ ବିଭ୍ରାଟ ଘଟିବ। ଏମିତି ଭାବେ ଇଚ୍ଛାମୃତ୍ୟୁକୁ ନେଇ ସବୁବେଳେ ଦ୍ୱିଧାବିଭକ୍ତ ରହୁଥିଲା ମତାମତ। ସୁପ୍ରିମକୋର୍ଟ ପରୋକ୍ଷ ଇଚ୍ଛାମୃତ୍ୟୁକୁ ହଁ କହିବା ପରେ ସବୁ ଦ୍ୱିଧା ଓ ଦ୍ୱନ୍ଦ୍ୱର ଅନ୍ତ ଘଟିଛି। ଇଚ୍ଛାମୃତ୍ୟୁକୁ ନେଇ ବିଶ୍ୱବ୍ୟାପୀ ବିତର୍କ ଲାଗି ରହିଛି। ଇଚ୍ଛାମୃତ୍ୟୁକୁ ଆଇନଗତ ମଞ୍ଜୁରୀ ପ୍ରଦାନ କରିବାକୁ ଅନେକ ସଂଗଠନ ବିରୋଧ କରି ଆସୁଥିବା ବେଳେ ବାସ୍ତବତା ଓ ମୃତ୍ୟୁର ଅଧିକାରକୁ ସମ୍ମାନ ଦେଇ ଏ କ୍ଷେତ୍ରରେ ଅନେକ ସଂସ୍କାର ଆସିଛି। ସ୍ୱେଚ୍ଛାକୃତ ଇଚ୍ଛାମୃତ୍ୟୁ ଏବଂ ଡାକ୍ତରଙ୍କ ସହାୟତାରେ ମୃତ୍ୟୁକୁ ମଞ୍ଜୁରୀ ଦେଇଥିବା ରାଷ୍ଟ୍ରଗୁଡ଼ିକ ହେଲେ ଆଲବାନିଆ, ବେଲଜିୟମ, ଜର୍ମାନି, ଏକ୍‌ସମବର୍ଗ, ନେଦରଲ୍ୟାଣ୍ଡ, ସ୍ୱିଜରଲ୍ୟାଣ୍ଡ ଏବଂ ଆମେରିକା। ଇଚ୍ଛାମୃତ୍ୟୁକୁ କୋର୍ଟ ନିର୍ଦ୍ଦେଶରେ କାର୍ଯ୍ୟକାରୀ କରିବା ଏବଂ ନିର୍ଦ୍ଧାରିତ ସର୍ତ୍ତ ପୂରଣ କରି ମେଡ଼ିକାଲ ବୋର୍ଡ଼ର ନିଷ୍ପତ୍ତିକ୍ରମେ ଇଚ୍ଛାମୃତ୍ୟୁ କାର୍ଯ୍ୟକାରୀ କରିବା ରାଷ୍ଟ୍ର ତାଲିକାରେ ଏବେ ଭାରତ, ଜାପାନ ଏବଂ କଲମ୍ବିଆ ରହିଛନ୍ତି। ଇଚ୍ଛାମୃତ୍ୟୁକୁ ନେଇ ନିର୍ଦ୍ଦିଷ୍ଟ ଆଇନ ପ୍ରଣୟ କରିଥିବା ରାଷ୍ଟ୍ର ତାଲିକାରେ ଅଛନ୍ତି ଅଷ୍ଟ୍ରେଲିଆ, କାନାଡ଼ା, ଚୀନ, ହଙ୍ଗକଙ୍ଗ, ଗ୍ରୀସ୍, ଇସ୍ରାଏଲ, ପୋଲାଣ୍ଡ, ରୁଷିଆ, ସ୍ପେନ, ଦକ୍ଷିଣ ଆଫ୍ରିକା ଏବଂ ବ୍ରିଟେନ। ଦୁସାଧ୍ୟ ରୋଗ କ୍ଷେତ୍ରରେ ରୋଗୀ ନିଜେ ଜୀବନ ରକ୍ଷାକାରୀ ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରିବା ଅଧିକାର ଦେଇଥିବା ରାଷ୍ଟ୍ରମାନେ ହେଲେ ଇଟାଲି, ମେକ୍ସିକୋ, ସ୍ୱିଡ଼େନ, ଥାଇଲାଣ୍ଡ ଏବଂ ଦକ୍ଷିଣ କୋରିଆ। ଭାରତର ଆଧାତ୍ମିକ ଓ ପ୍ରାଚୀନ ସଂସ୍କୃତିରେ ଇଚ୍ଛାମୃତ୍ୟୁର ଅନୁପାଳନ ହୋଇଛି। ମହାଭାରତରେ ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତୀ ଜଙ୍ଗଲକୁ ଯାତ୍ରା କରି ଦାବାଗ୍ନିରେ ନିଜକୁ ଝାସ ଦେବା ପିତାମହ ଭୀଷ୍ମଙ୍କ ଇଚ୍ଛାମୃତ୍ୟୁ, ରାମାୟଣରେ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ, ଲକ୍ଷ୍ମଣ, ଭାରତ ଓ ଶତ୍ରୁଘ୍ନଙ୍କ ଇଚ୍ଛା ଦ୍ୱାରା ଜଳସମାଧି ପ୍ରାପ୍ତି ଓ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ତାଙ୍କ ପତ୍ନୀ ନନ୍ଦିନୀ ଜଙ୍ଗଲକୁ ଗମନ କରି ଇଚ୍ଛାମୃତ୍ୟୁକୁ ଆପଣାଇଥିବାର ଅନେକ ଦୃଷ୍ଟାନ୍ତ ରହିଛି। ଭାରତର ସମ୍ବିଧାନର ଧାରା ୨୧ରେ ମଣିଷର ବଞ୍ଚିବାର ଅଧିକାରକୁ ମୌଳିକ ଅଧିକାର ରୂପେ ସ୍ୱୀକୃତି ପ୍ରଦତ୍ତ। ଭାରତୀୟ ପେନାଲକୋର୍ଡ଼ର ଧାରା ୩୦୯ ଆତ୍ମହତ୍ୟା ଏକ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରେ। ସେହିପରି ୧୯୮୭ରେ ମୁମ୍ବାଇ ହାଇକୋର୍ଟ ଏମ୍‌ଏସ୍ ଦୁବାଇ ମାମଲାରେ ଧାରା ୨୧କୁ ବ୍ୟାଖ୍ୟାକରି ମତବ୍ୟକ୍ତ କରିଥିଲେ ବଞ୍ଚିବା ଯଦି ଏକ ମୌଳିକ ଅଧିକାର ତେବେ ମରିବା ଏହି ଧାରା ଅନୁଯାୟୀ ଏକ ନକରାତ୍ମକ ଅଧିକାର ହେବ। ସେହିପରି ପଞ୍ଜାବ ରାଜ୍ୟ ସରକାର ବନାମ ଜ୍ଞାନ କାଉର ମାମଲା ୧୯୯୬ରେ ମାନ୍ୟବର ସୁପ୍ରିମକୋର୍ଟ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ସମ୍ବିଧାନର ଧାରା ୨୧ରେ ମରିବାର ଅଧିକାରକୁ ଅନ୍ତର୍ଭୁକ୍ତ କରି ମୌଳିକ ଅଧିକାର ବ୍ୟାଖ୍ୟାନ କରିବାକୁ ଖୁବ୍ ଜଟିଳ ପ୍ରସଙ୍ଗ ଭାବେ ଅଭିହିତ କରିଥିଲେ। ସେହିପରି ଅନ୍ୟ ଏକ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ଭାରତୀୟ ପିଙ୍ଗଳ କୋର୍ଡର ଧାରା ୩୦୬ (ଆତ୍ମହତ୍ୟା ପାଇଁ ସାହାଯ୍ୟ କରିବା)ର ସାମ୍ବିଧାନିକ ବୈଧତାକୁ ଅନୁମୋଦନ କରିଛନ୍ତି। ୧୯୭୯ରେ ଆତ୍ମହତ୍ୟାକୁ ଅପରାଧ ଭାବେ ଗ୍ରହଣ ନକରିବାକୁ ଏକ ବିଲ ସଂସଦରେ ଉପସ୍ଥାପିତ ହୋଇଥିଲା। ସଞ୍ଜୟ କୁମାର ଭାଟିଆ (୧୯୮୫) କେଶରେ ଦିଲ୍ଲୀ ହାଇକୋର୍ଟର ବିଚାରପତି ରାଜେଲ୍ ସାଚାର ଧାରା ୩୦୯ରେ କାଳଗତି ଅସଂଗତି ମାନବ ସମାଜ ପାଇଁ ଅନୁପଯୁକ୍ତ ବୋଲି ତୀବ୍ର ସମାଲୋଚନା କରିଛନ୍ତି। ତାଙ୍କ ଯୁକ୍ତି ଅନୁଯାୟୀ ମାନବୋଚିତ ପ୍ରବୃତ୍ତି ସଂପନ୍ନ, ସଭ୍ୟ ଓ ସାମାଜିକ ମୂଲ୍ୟବୋଧ ଦୃଷ୍ଟିଭଙ୍ଗୀ ଓ ଦଣ୍ଡବିଧାନ ତଥା କାରାଗାର ପରିଚାଳନା ଶାସ୍ତ୍ରର ଆବଶ୍ୟକତା ଅତ୍ୟନ୍ତ ଜରୁରୀ। ଧାରା ୩୦୯ରେ ଦଣ୍ଡିତ ହୋଇଥିବା ଜଣେ ଅପରାଧୀକୁ ସେ ଖଲାସ କରିଦେଇଥିଲେ। ଏମ.ଏସ୍. ଦୁବଲ ମାମଲାରେ ଧାରା ୩୦୯କୁ ଅସାମ୍ବିଧାନିକ ବୋଲି କୋର୍ଟ ଘୋଷଣା କରିଛନ୍ତି। ଚେନା ଜଗଦେଶ୍ୱର ୧୯୮୮ କେଶରେ ଆନ୍ଧ୍ର ହାଇକୋର୍ଟ ଆତ୍ମହତ୍ୟା ପାଇଁ ହେଉଥିବା ଉଦ୍ୟମକୁ ଏକ ଦଣ୍ଡନୀୟ ଅପରାଧ ଓ ଅସମ୍ବିଧାନିକ ବୋଲି ହୃଦ୍‌ବୋଧ କରିନାହାନ୍ତି। ମାଡ୍ରାସ ହାଇକୋର୍ଟର ରାମମୂର୍ତ୍ତି ବନାମ ଷ୍ଟେଟ୍ ୧୯୯୨ରେ ଦର୍ଶାଇଛନ୍ତି ଯେ କେବଳ ପ୍ରଚାର ପାଇଁ ଆଜୀବନ ଅନଶନରେ ବସିଥିବା ବ୍ୟକ୍ତିଙ୍କ ବିରୋଧରେ ଦଣ୍ଡବିଧାନ ପାଇଁ ସୂତ୍ରପାତ କରିବା ଏକ ନିଷ୍ଫଳତା। କାରଣ ଏଠାରେ ନିଜକୁ ନିଧନ କରିବାର ଉଦ୍ଦେଶ୍ୟ ନଥାଏ। ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ଓ ଯୁଗାନ୍ତକାରୀ ରାୟ ଅନେକ ତର୍କବିତର୍କ ସୃଷ୍ଟିର ସମ୍ଭାବନା ବି ସୃଷ୍ଟି କରିପାରେ। ତେବେ ଭାରତୀୟ ଆଧାତ୍ମିକ ଓ ଆର୍ଯ୍ୟସନାତନ ସଂସ୍କୃତିରେ ମୃତ୍ୟୁକୁ ଅପଣାଇବା ବା ଇଛା କରିବାକୁ ଏକ ଅଭିଶପ୍ତ ଚିନ୍ତନ ଭାବେ ବିଚାର କରାଯାଉଥିବାବେଳେ ଇଚ୍ଛାମୃତ୍ୟୁର ଅନୁମତି ମୃତ୍ୟୁର ଇଚ୍ଛାକୁ ସାକାର କରିବାକୁ ସମ୍ଭବ ହେବ କି ଏହା ଅନେକ ଅନେକ ପ୍ରଶ୍ନ ?

# ‘ସ୍ନେହ’ ଦ୍ୱାରା ଆନ୍ତର୍ଜାତୀୟ ଶାନ୍ତି ଦିବସରେ ବସ୍ତିରେ ଶିଶୁ ପାଠାଗାର ଉଦ୍‌ଘାଟନ



ଭୁବନେଶ୍ୱର (ପିଏନ୍): ଆନ୍ତର୍ଜାତୀୟ ଶାନ୍ତି ଦିବସ ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସାଇଟି ଫର୍ ନେଚର, ଏଜୁକେସନ ଆଣ୍ଡ ହେଲଥ୍ (ସ୍ନେହ) ଆନୁକୁଲ୍ୟରେ ଗତ ୨୧ ତାରିଖ ଅପରାହ୍ନରେ ସ୍ଥାନୀୟ ସାଲିଆ ସାହି ସ୍ଥିତ ମେ ଫେୟାର ବସ୍ତିରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେନୋନାଇଟ୍ ସେଂଟ୍ରାଲ କମିଟି, କୋଲକାତାର ବରିଷ୍ଠ କର୍ମକର୍ତ୍ତା କୁମାରୀ ମଂଜୁଳା ପଟ୍ଟନାୟକ ଏହି ଶାନ୍ତି ଦିବସକୁ ପାଳନ କରିବାର ମହତ୍ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ସେ ସମବେତ ବସ୍ତିବାସିନ୍ଦାଙ୍କୁ ହିଂସା ପରିହାର କରି ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସ୍ନେହ ଅନୁଷ୍ଠାନର ସଭାନେତ୍ରୀ ଶ୍ରୀମତୀ ସୁବର୍ଣ୍ଣା ଘୋଷ ବସ୍ତି ପିଲାମାନଙ୍କ ପାଇଁ ଏକ ଶିଶୁ ପାଠାଗାର ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ‘ସ୍ନେହ’ର ସଭାନେତ୍ରୀ ଶ୍ରୀମତୀ ସୁବର୍ଣ୍ଣା ଘୋଷ ପୌରୋହିତ୍ୟ କରିଥିଲେ । ପ୍ରାରମ୍ଭରେ ‘ସ୍ନେହ’ର ଉପଦେଷ୍ଟା ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ୨୦୦୯ ମସିହାରୁ ଭୁବନେଶ୍ୱରରେ ସ୍ନେହ ଦ୍ୱାରା ପ୍ରତିଷ୍ଠିତ ଶାନ୍ତ ଓ ଅହିଂସା କେନ୍ଦ୍ର ‘ସମ୍ପ୍ରିତୀ’ରେ ଶାନ୍ତି ପ୍ରତିଷ୍ଠା ଏବଂ ଦ୍ୱନ୍ଦ ପରିଚାଳନା ଉପରେ ବିଭିନ୍ନ ତାଲିମ କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ । ୨୦୦୯ ମସିହା ଏହି ଦିନରେ ଏହି କେନ୍ଦ୍ର ସ୍ଥାପିତ ହୋଇଥିଲା। ୨୦୦୮ ମସିହାର କନ୍ଧମାଳ ଦଙ୍ଗା ପରଠାରୁ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଏବଂ ସାମାଜିକ କର୍ମୀ ମାନଙ୍କ ପାଇଁ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଉଭୟ ଭୁବନେଶ୍ୱର ଏବଂ କନ୍ଧମାଳ ଜିଲ୍ଲାରେ ‘ସ୍ନେହ’ ଅନୁଷ୍ଠାନ କରି ଆସୁଅଛି । ଏହି କାର୍ଯ୍ୟକ୍ରମକୁ ଶ୍ରୀ ପ୍ରଶାନ୍ତ ପ୍ରଧାନ ଏବଂ ସ୍ନେହର କର୍ମକର୍ତାମାନେ ପରିଚାଳନା କରିଥିଲେ ।

## ଓସାର ରାଜ୍ୟ ଆବାହକଙ୍କ ବିରୋଧରେ ମିଥ୍ୟା ମାମଲାର ଉଚ୍ଚସ୍ତରୀୟ ତଦନ୍ତ ଦାବି

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ସୂଚନା ଅଧିକାର ଅଭିଯାନ ଜିଲ୍ଲା ଶାଖା, ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଙ୍ଘ, କେନ୍ଦ୍ରାପଡା ସେବା ସମିତି, ଭାରତୀୟ ମାନବଧିକାର ପରିଷଦ ଓ କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ ପ୍ରଭୃତି ସାମାଜିକ ସଂଗଠନମାନଙ୍କ ପକ୍ଷରୁ ମିଳିତ ଭାବରେ ଗତ ଶନିବାର ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଓ ସାଥୀଙ୍କ ନାମରେ ଜନୈକ ଦଳିତ ମହିଳାଙ୍କୁ ବ୍ୟବହାର କରି ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦୁର୍ନୀତି ବିରୋଧରେ ଲଗାତର ୧୫ବର୍ଷ ଧରି ଲଢେଇ ଜାରି ରଖିଥିବା ତଥା ସରକାରଙ୍କ ବିଭିନ୍ନ ଦୁର୍ନୀତି ଲୋକଲୋଚନକୁ ଆଣି ସରକାରଙ୍କ ମୁଖା ଖୋଲୁଥିବା ଯୋଗୁଁ କିଛି ଦଲାଲ ଜମି ମାଫିଆ, ଶିକ୍ଷା ମାଫିଆ ଓ ଲୁଟେରାଙ୍କ ମିଳି ଭଗତରେ ସୂଚନା ଅଧିକାର କର୍ମୀମାନଙ୍କ ସ୍ୱର ଚାପିଦେବାକୁ ହୀନ ପ୍ରୟାସ କରୁଥିବା ଓସା କେନ୍ଦ୍ରାପଡା ଶାଖା ଅଭିଯୋଗ କରିଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା ସୂଚନା ଅଧିକାର ଅଭିଯାନର ଜିଲ୍ଲା ଆବାହକ ପ୍ରତାପ ମହାନ୍ତି, ପ୍ରକାଶ ଦାସ, ବିନୟ ମଳିକ, ସୋମନାଥ ବାରିକ, ପବିତ୍ର ପାଣି, ମଧ୍ୟବିତ୍ତ ପରିବାର ମହାସଙ୍ଘର ଜିଲ୍ଲା ସଭାପତି ନିରଞ୍ଜନ ପରିଡ଼ା, ହରେକୃଷ୍ଣ ପାତ୍ର, ଚିତ୍ରସେନ ମଣ୍ଡଳ, ଭାରତୀୟ ମାନବଧିକାର ପରିଷଦର ଚିତ୍ତରଞ୍ଜନ ବେହୁରା, କେନ୍ଦ୍ରାପଡା ସେବା ସମିତିର ମନୋଜ ନାୟକ, ଭାଗୀରଥି ଜେନା, ଆଇନଜୀବୀ ପ୍ରଦୀପ କୁମାର ଦାଶ ପ୍ରମୁଖ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଦୁର୍ନୀତି ଓ ଅନିୟମିତତାର ଗନ୍ତାଘର ପାଲଟିଛି ସାଧାରଣ ଉଦ୍ୟୋଗ ବିଭାଗ



ଭୁବନେଶ୍ୱର (ପିଏନ୍)- ସାଧାରଣ ଉଦ୍ୟୋଗ ବିଭାଗ ଦୁର୍ନୀତି ଓ ଅନିୟମିତାରେ ବୁଡ଼ି ଯାଇଛି ଏବଂ ଏହାର କାର୍ଯ୍ୟାଳୟ ସ୍ୱାସ୍ଥ୍ୟବୀମା କମ୍ପାନୀ ଗୁଡ଼ିକର ଅଫିସ ପାଲଟି ଯାଇଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀ ଅଫିସରଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ପ୍ରଦେଶ କଂଗ୍ରେସ ଦାବି କରିଛି। କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଅମିୟ ପାଣ୍ଡବ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ଉତ୍ଥାପନ ସହ ଅଭିଯୋଗ କରିଛନ୍ତି ଯେ ଗତ ୭ ବର୍ଷ ହେଲା ବିଭାଗର ପ୍ରମୁଖ ଶାସନ ସଚିବ କୌଣସି କାମ ନକରି ଆଡା ଜମାଇ ବସିଛନ୍ତି। ଦିନଟିଏ ମଧ ଅଫିସକୁ ଆସୁନାହାଁନ୍ତି। ଗତ ମୌସୁମୀ ଅଧିବେଶନରେ ମୁଖ୍ୟ ଶାସନ ସଚିବ ସବୁ ବିଭାଗ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ ଯେ କୌଣସି ସଚିବ ବା ବିଭାଗୀୟ ଅଧିକାରୀ ବିନା ଅନୁମତିରେ ବାହାରକୁ ଯାଇପାରିବେ ନାହିଁ। ମାତ୍ର ସାଧାରଣ ଉଦ୍ୟୋଗ ବିଭାଗର ଦିନଟିଏ ମଧ ଅଫିସ ଆସିଲେ ନାହିଁ। ସେହିପରି ୨୦୧୮ ମାର୍ଚ୍ଚ ମାସରେ ଅର୍ଥବିଭାଗର ନିର୍ଦ୍ଦେଶନାମା କହିଛି ଯେ ଯଦି କୌଣସି ବିଭାଗ ସ୍ୱତନ୍ତ୍ର ପରାମର୍ଶ ଦାତା ନିଯୁକ୍ତ କରେ, ଅତିବେଶିରେ ସେମାନେ ମାସିକ ୪୨ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ନେଇପାରିବେ। ମାତ୍ର ଏଠାରେ ନିଯୁକ୍ତ ପରାମର୍ଶଦାତା ମାନେ ୭୦ ହଜାରୁରୁ ଉର୍ଦ୍ଧ୍ୱ ଦରମା ନେଉଛନ୍ତି କିପରି ? ସେମାନଙ୍କ ପାଇଁ ଅଧିକ ଋରି ପାଂଚ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ଅଥଚ କେହି କିଛି କାମ କରୁନାହାନ୍ତି। ବିଭାଗର ସହାୟତା ପାଇଁ ଗଠିତ ଓଏସଆରଏଫଏସ୍ ସୋସାଇଟି ସକାଶେ ସରକାର ଦେଇଥିବା ୫୦ କୋଟି ଟଙ୍କାର କର୍ପସ ପାଣ୍ଠିରୁ ବେଆଇନ ଭାବେ ଖର୍ଚ୍ଚ ହେଉଛି। ପ୍ରମୁଖ ଶାସନ ସଚିବ ଅଫିସକୁ ଆସୁନଥିଲେ ମଧ ମାସକୁ ୩୦ ହଜାର ଟଙ୍କାରେ ଜଣେ ଡ୍ରାଇଭର ତାଙ୍କ ପାଇଁ ଅସ୍ଥାୟୀ ନିଯୁକ୍ତି ଦିଆଯାଇଛି ଏବଂ ଦିନକୁ ୮୦ କିଲୋମିଟର ଯାତ୍ରା କରୁଥିବା ଦର୍ଶାଇ ସେ ଇନ୍ଧନ ବାବଦ ଅର୍ଥ ବିଲ କରୁଛି। ସୋସାଇଟ୍‌ର ବାଇଲ ଅନୁଯାୟୀ ପ୍ରତି ୬ମାସରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେବାକଥା ମାତ୍ର ତାହା ଆଦୌ ହେଉନାହିଁ। ପ୍ରମୁଖ ଶାସନ ସଚିବ କିମ୍ବା ନିର୍ବାହୀ ନିର୍ଦ୍ଦେଶକ କେହି କୌଣସି ଟୁର କିମ୍ବା କ୍ଷେତ୍ର ପରିଦର୍ଶନରେ ଯାଉନାହାଁନ୍ତି ଓ ସରକାରଙ୍କୁ ଆର୍ଥିକ କ୍ଷତି ଭରଣା ନିମିତ ସଂସ୍କାର ପାଇଁ କୌଣସି ପରାମର୍ଶ ଦେଉନାହାଁନ୍ତି। ୫ ଜଣ ଅତିରିକ୍ତ ଶାସନ ସଚିବ ଥାଉ ଥାଉ ଆଉ ଅଧିକ ନିର୍ବାହୀ ନିର୍ଦ୍ଦେଶକ ନିଯୁକ୍ତି ହେବାର କାରଣ କ'ଣ ହେବ ବୋଲି ସେ ପ୍ରଶ୍ନ ପଚାରିଛନ୍ତ। ସେହିପରି ଯେଉଁଦିନ ସଂପୃକ୍ତ ଅତିରିକ୍ତ ଶାସନ ସଚିବ ଅବସର ଗ୍ରହଣ କଲେ ଠିକ ତା ପରଦିନ ତାଙ୍କୁ ନିର୍ବାହୀ ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ କରାଗଲା କାହିଁକି ? ତାଙ୍କ ପାଇଁ ପ୍ରକୋଷ୍ଠ ଏବଂ କେତେ କର୍ମଋରୀ ଆଣି ନିଯୁକ୍ତ କରାଗଲା। ସେ ବିନାସରକାରୀ ଚିଠିରେ ଓଡିଶା ଖଣି ନିଗମର ଏକ ବିଳାସପୂର୍ଣ୍ଣ ଗାଡ଼ି ବ୍ୟବହାର କରୁଛନ୍ତି ଏବଂ ଏ ବାବଦରେ ସମସ୍ତ ଖର୍ଚ୍ଚ ଓଏମସି ବହନ କରୁଛି। ଅନ୍ୟ ସମସ୍ତ ବିଭାଗର ନଥିପତ୍ର ଦୂରସଂଚାର କାର୍ଯ୍ୟକ୍ରମ ‘ଓସ୍ୱାସ’ ମାଧ୍ୟମରେ ପ୍ରସ୍ତୁତ ହେଉଥିବା ବେଳେ ଏହି ବିଭାଗରେ ଏଥିପ୍ରତି ଆଦୌ ଆଗ୍ରହ ପରିଲକ୍ଷିତ ନହେବା ସନ୍ଦେହ ଜନକ। କେବଳ ୨୦୧୯-୨୦ ବର୍ଷରେ ଏହା ଅଧିନସ୍ଥ ୯ଟି ନିଗମରେ ୧୭୩୩ କୋଟି ଟଙ୍କା କ୍ଷତି ହୋଇଥିବା ବେଳେ ଏ ବାବୁମାନେ ସେଠି କରୁଛନ୍ତି କ'ଣ ବୋଲି ଶ୍ରୀ ପାଣ୍ଡବ ପ୍ରଶ୍ନ ପଚାରିଛନ୍ତି। ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ସଚିବ ଓ ଅର୍ଥବିଭାର ନିର୍ଦ୍ଦେଶକୁ ଜଣେ ଅଫିସର କେମିତି ବେଖାତିର କରିବାର ଦୁଃସାହାସ ଦେଖାଉଛନ୍ତି ତାହା ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଥିଲେ। ତାଙ୍କ ଅଧିନରେ ୩୭ଟି ନିଗମ ମଧରୁ କେତୋଟିକୁ ସିଏ ପରିଦର୍ଶନ କରିଛନ୍ତି ବା ସମୀକ୍ଷା ବୈଠକ ଡାକିଛନ୍ତି ତାର ହିସାବ ଦିଅନ୍ତୁ ବୋଲି ଦାବି କରିବା ସହ ସୋସାଇଟି ଅର୍ଥରେ କିଣାଯାଇଥିବା ପ୍ରାୟ ୯୦ ହଜାର ଟଙ୍କା ମୂଲ୍ୟର ଜେନେରେଟର ସେଟ କେଉଁ ବାବୁଙ୍କ ବାସଭବନରେ ଲାଗିଛି ତାହାର ତଦନ୍ତ ଦାବି କରିଥିଲେ। ସେହିପରି ସରକାରୀ ଅଫିସର ପିଅନମାନେ କାହା ବାସଭବନରେ କାର୍ଯ୍ୟକରିବାକୁ ସରକାର ନିଶ୍ଚିତ କରିଥିବା ବେଳେ ଏହି ବିଭାଗର ୩-୪ଜଣ ପିଅନ ଆଦୌ ଅଫିସକୁ ଆସନ୍ତି ନାହିଁ ଏବଂ ବାବୁଙ୍କ ବାସଭବନରେ କାମ କରିବା ସରକାରଙ୍କ ନିର୍ଦ୍ଦେଶର ଅବମାନନା ନୁହେଁ କି ? ଆଉ ଜଣେ ଅତିରିକ୍ତ ଶାସନ ସଚିବ ନିଜ କଟକ ଘରେ ରୁହନ୍ତି ଏବଂ ସପ୍ତାହରେ ମାତ୍ର ଦିନିଟିଏ କେବଳ ଚେକ୍‌ରେ ଦସ୍ତଖତ କରିବାକୁ ଆସନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି କାର୍ଯ୍ୟାଳୟଟି ଗତ ୪ ବର୍ଷ ହେଲା ସ୍ୱାସ୍ଥ୍ୟବୀମା କମ୍ପାନୀଗୁଡ଼ିକର ଶାଖା କାର୍ଯ୍ୟାଳୟ ପାଲଟି ଯାଇଛି ଏବଂ ସେଠି ସରକାରୀ କର୍ମଋରୀ ଓ ବିଭିନ୍ନ ନିଗମ କର୍ମଋରୀଙ୍କୁ ବର୍ଷ ତମାମ ସ୍ୱାସ୍ଥ୍ୟବୀମାରେ ଅନ୍ତର୍ଭୁକ୍ତ କରିବାର କାମ ଚାଲିଛି। ରୀତିମତ ଟେବୁଲ ଚୌକି ପକାଇ କମ୍ପାନୀର ଏଜେଂଟମାନେ ସେମାନଙ୍କ ବ୍ୟବସାୟ କରୁଥିବାରୁ ପ୍ରତିଦିନ ଶହ ଶହ ଲୋକଙ୍କ ଭିଡ଼ ଜମୁଛି। ଏଥିରେ ଏହି ଅଫିସର ମାନଙ୍କ ସହଯୋଗ ଓ ସଂପୃକ୍ତି କେବଳ ନୁହେଁ ତୃତୀୟ ପକ୍ଷର ଏଜେଂଟ ଭାବେ ପ୍ରତ୍ୟକ୍ଷ ଲାଭାଂଶର ଅଂଶୀଦାର ବୋଲି ଅଭିଯୋଗ କରି ସେ ଅପାରଗ ଅଫିସରଙ୍କୁ ତୁରନ୍ତ ସେଠୁ ହଟାଇବା ସହ ସମସ୍ତ ଦୁର୍ନୀତି ଓ ଅନିୟମିତାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ପାଣ୍ଡବ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ପଦ୍ମାକର ଗୁରୁ ଏବଂ ପ୍ରଶାନ୍ତ ଶତପଥି ଉପସ୍ଥିତ ଥିଲେ।

## ଭାରତୀୟ ପର୍ଯ୍ୟଟନ ବିଭାଗ ଓ ନାଟ୍ୟଦୀପ ପକ୍ଷରୁ ସ୍ୱଚ୍ଛତା ପଖୱାଡା ପାଳିତ



କୋଣାର୍କ (ପିଏନ୍): ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୮ରୁ ୨୧ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପଖୱାଡ଼ା ଅଭିଯାନ ପାଳନ କରାଯାଇଛି । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସ୍ୱଚ୍ଛ ଓ ନିର୍ମଳ ଭାରତ ଗଠନ ଅଭିଜାନରେ ଭାରତ ପର୍ଯ୍ୟଟନ ବିଭାଗ ଓ କୋଣାର୍କର ଅଗ୍ରଣୀ ସାଂସ୍କୃତିକ ଅନୁଠାନ ନାଟ୍ୟଦୀପ ସାମିଲ ହୋଇଛି । ସ୍ୱଚ୍ଛତା ପଖୱାଡ଼ ପାଳନ ଅବସରରେ ଭାରତୀୟ ତୈଳପ୍ରତିଷ୍ଠାନ ଦ୍ୱାରା ନିର୍ମିତ କାର ପାର୍କିଂ, ସୂର୍ଯ୍ୟ ମନ୍ଦିର ଓ ଚନ୍ଦ୍ରଭାଗ ବେଳାଭୂମିକୁ ଭାରତ ପର୍ଯ୍ୟଟନ କର୍ମଚାରୀ, ସ୍ୱେଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପର କର୍ମକର୍ତ୍ତାମାନେ ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକରୁ ମନ୍ଦିର ପ୍ରବେଶ ଗେଟ ପର୍ଯ୍ୟନ୍ତ ଓ ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିରେ ପଡିରହିଥିବା ଅଳିଆ ଅବର୍ଜନାକୁ ସଫା କରିଥିଲେ । ଏହି ଅବସରରେ ସୂର୍ଯ୍ୟମନ୍ଦିର ଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କୁ ମହାମାରୀ କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ସଚେତନତା କରିବା ସହ ହ୍ୟାଣ୍ଡ ୱାସ, ସାନିଟାଇଜର ଓ ମାକ୍ସ ବଣ୍ଟନ କରିଥିବା ବେଳେ ମନ୍ଦିର ପରିସର, ଟୁରିଷ୍ଟ ମାର୍କେଟ ଓ ଚନ୍ଦ୍ରଭାଗା ସମୁଦ୍ରକୂଳରେ ବାଉଁଶରେ ତିଆରି ଝୁଡ଼ି (ଡଷ୍ଟବିନ)ଯୋଗାଇ ଦେଇଥିଲେ । ଏତଦବ୍ୟତିତ ପର୍ଯ୍ୟଟକ ଓ ସଂପୃକ୍ତ ଅଞ୍ଚଳରେ ଥିବା ବ୍ୟବସାୟୀମାନଙ୍କୁ ସ୍ୱଚ୍ଛତା ସଂପର୍କରେ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭାରତୀୟ ପର୍ଯ୍ୟଟନ ବିଭାଗର ସହ ନିର୍ଦ୍ଦେସିକା ରଶ୍ମୀ ସୋନୀ ତିର୍କୀ, କୋଣାର୍କ କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ ଶ୍ରୀନିବାସ, ସମାଜସେବୀ ରାମକୃଷ୍ଣ ମହାନ୍ତି, ସାମ୍ବାଦିକ ଅଜିତ କୁମାର ମଲ୍ଲିକ, ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପର ନିର୍ଦ୍ଦେଶକ କାଳନ୍ଦିଚରଣ ସ୍ୱାଇଁ ଓ ଉପ-ନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣାଙ୍କ ସମେତ ନାଟ୍ୟଦୀପର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ ।

## ଜିଲ୍ଲାସ୍ତରୀୟ ନୂଆଖାଇ ପର୍ବ ପାଳନ ସମାରୋହ-୨୦୨୧ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ଗତ ୧୭ ତାରିଖ ଅପରାହ୍ନ ୪ଘଟିକା ସମୟରେ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ନୂଆଖାଇ ପର୍ବ ପାଳନ ସମାରୋହ-୨୦୨୧ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନ, ବାଲେଶ୍ୱରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆଖାଇ ପର୍ବ ପାଳନର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ । ଏହି କୃଷିଭିତିକ ଗଣପର୍ବ ଭାଇଚାରାକୁ ସୁଦୃଢ କରିବା ସହିତ ଆମ ପରମ୍ପରାର ମହନୀୟତାକୁ ପ୍ରତିପାଦିତ କରିଥାଏ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା କଳାସଂସ୍କୃତି ସଂଘ ଉପସଭାପତି ଶ୍ରୀ ଚକ୍ରଧର ମହାପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ପ୍ରମୁଖ ଯୋଗ ଦେଇ ଏହି ପର୍ବ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ପ୍ରସାଦ ସେଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ କଳା ବିକାଶ କେନ୍ଦ୍ର, ରେମୁଣାର କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା । ସେହିପରି ସିମୁଳିଆ, ବାଲେଶ୍ୱରର ପାଲା କଳାକାର ଶ୍ରୀ ସୁରେଶ ଚନ୍ଦ୍ର ବେହେରା ଏବଂ ସାଥୀମାନଙ୍କ ଦ୍ୱାରା ନୂଆଖାଇ ପର୍ବ ଉପରେ ପର୍ଯ୍ୟବେସିତ ପାଲା ପରିବେଷଣ କରାଯାଇଥିଲା । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆନ୍ତର୍ଜାତୀୟ ଶାନ୍ତି ଦିବସ ଅବସରରେ ସ୍କାଉଟସ୍ ଏବଂ ଗାଇଡସ୍ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର




ଭୁବନେଶ୍ୱର (ପିଏନ୍): ସେପ୍ଟେମ୍ବର ୨୧ ତାରିଖ ଆନ୍ତର୍ଜାତୀୟ ଶାନ୍ତି ଦିବସ ଉପଲକ୍ଷେ ଓଡିଶା ରାଜ୍ୟ ଭାରତ ସ୍କାଉଟ ଗାଇଡ୍ ସଂଗଠନ ପକ୍ଷରୁ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ ପୁରୁଷୋତମ ବସ୍ତିରେ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ୟୁନିଟ୍-୪, ଭୁବନେଶ୍ୱରସ୍ଥିତ କର କ୍ଲିନିକର ମୁଖ୍ୟ ମେଡିକାଲ ଅଧକ୍ଷ ଡଃ. ସିଦ୍ଧାନ୍ତ କୁମାର କରଙ୍କ ନିର୍ଦ୍ଦେଶରେ ଡଃ. ସୁନିଲ୍ କୁମାର ସାହୁ ଉପସ୍ଥିତ ରହି ବସ୍ତିବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରତ୍ୟେକଙ୍କର ରକ୍ତଚାପ ପରୀକ୍ଷା ସହିତ ବ୍ୟକ୍ତିଗତ ରୋଗ ନିମନ୍ତେ ଔଷଧ ଦିଆଯାଇଥିଲା। ଏତଦ୍-ବ୍ୟତୀତ ସେମାନଙ୍କୁ ନିଜର ତଥା ଅନ୍ୟମାନଙ୍କର ପ୍ରାଥମିକ ଚିକିତ୍ସା କରିବା ପାଇଁ ପ୍ରାଥମିକ ଚିକିତ୍ସା ପୁସ୍ତକ ରାଜ୍ୟ କାର୍ଯ୍ୟାଳୟ ତରଫରୁ ଦିଆଯାଇଥିଲା। ଏହି ଅବସରରେ ରୋଭର ଓ ରେଞ୍ଜରମାନେ ଘର ଘର ବୁଲି ଲୋକମାନଙ୍କୁ ଡେଙ୍ଗୁ ଓ କରୋନା ସମ୍ବନ୍ଧୀୟ ପ୍ରଚାରପତ୍ର ବାଣ୍ଟିବା ସହିତ ମାସ୍କ ଓ ସାନିଟାଇଜର ଦେଇ ଲୋକମାନଙ୍କୁ ସଚେତନ କରାଇ ଥିଲେ। ରାଜ୍ୟ ଯୁଗ୍ମ ସମ୍ପାଦକ ଶ୍ରୀ ମିହିର ରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ଏହି ଏକଦିବସୀୟଶିବିରରେ ମୁଖ୍ୟାଳୟର ଶ୍ରୀ ସୁରଜିତ୍ ସେନ୍, ଶ୍ରୀ ଚନ୍ଦନ ଦାଶ, ଶ୍ରୀ ସନ୍ତୋଷ ଦେଓ, ଶ୍ରୀ ଅନିଲ୍ କୁମାର ମହାନ୍ତି, ଶ୍ରୀ ଅବିନାଶ ଗଡନାୟକ, ସୁଶ୍ରୀ ଅୟସ୍କିତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗିତା କରିଥିଲେ।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୭୧ତମ ଜନ୍ମ ଦିବସ ପାଳିତ

ବାଲେଶ୍ୱର (ପିଏନ୍)- ବିଶ୍ୱର ଲୋକପ୍ରିୟ ଜନନେତା ଆଧୁନିକ ଭାରତର ନିର୍ମାତା ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୭୧ତମ ଜନ୍ମ ଦିବସ ଶୁଭ ଅବସରରେ ବାଲେଶ୍ୱର ସଦର ବିଜେପି ପକ୍ଷରୁ ମୋଦିଜୀଙ୍କ ଜନ୍ମ ଦିବସ ପାଳନ କରାଯାଇଅଛି। ନରେନ୍ଦ୍ର ମୋଦିଙ୍କ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଏବଂ ତାଙ୍କ ଦୃଢ ନେତୃତ୍ୱ ବଳରେ ସେ ଆଜି ବିଶ୍ୱ ସ୍ତରରେ ସବୁଠୁ ଲୋକପ୍ରିୟ ନେତାର ଆଖ୍ୟା ପାଇଛନ୍ତି। ସେ ଉତ୍ତମ ନୈତିକ ଓ ସାମାଜିକ ମୂଲ୍ୟବୋଧ ଜରିଆରେ ଆମ ସମାଜ ଓ ରାଷ୍ଟ୍ରର ସାମଗ୍ରିକ ବିକାଶରେ ବିଶ୍ୱାସ କରନ୍ତି। ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ଅତୁଟ ପ୍ରତିବଦ୍ଧତା ବଳରେ ଜମ୍ମୁ କାଶ୍ମୀରରେ ଧାରା ୩୭୦ ହଟିବା ସହ ଦେଶବାସୀଙ୍କ ଆକାଂକ୍ଷା ଏକ ରାଷ୍ଟ୍ର, ଏକ ସମ୍ବିଧାନ ସଂକଳ୍ପ ମଧ ପୂରା କଲେ। ଆତଙ୍କବାଦ ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ କୌଣସି ସରକାର ସାହସ ଜୁଟାଇ ପାରିନଥିଲେ, ମାତ୍ର ମୋଦି ସରକାର ସର୍ଜିକାଲ ଷ୍ଟ୍ରାଇକ ଓ ଏୟାର ଷ୍ଟ୍ରାଇକ ମାଧ୍ୟମରେ ଆତଙ୍କବାଦୀ, ଭାରତବିରୋଧୀ ଶକ୍ତି ଓ ସମଗ୍ର ବିଶ୍ୱକୁ କଠୋର ବାର୍ତ୍ତା ଦେଇଥିଲେ ଯେ ଭାରତ ନିଜର ଜନସାଧାରଣ ଓ ସୀମା ସୁରକ୍ଷା ପାଇଁ ଯେକୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ। ମୋଦି ସରକାରଙ୍କ ନେତୃତ୍ୱରେ ବିଶ୍ୱର ସର୍ବବୃହତ ମାଗଣା ଟୀକାକରଣ ଅଭିଯାନରେ ଦେଶରେ ବର୍ତ୍ତମାନ ସୁଦ୍ଧା ୭୫ କୋଟିରୁ ଉର୍ଦ୍ଧ୍ୱ ଟୀକାକରଣ ହୋଇଯାଇଅଛି, ଯାହାକି ବିଶ୍ୱରେ ରେକର୍ଡ। ବିଶ୍ୱ ସ୍ତରରେ ଆମେରିକା, ୟୁରୋପ ଏବଂ ଉପସାଗରୀୟ ଦେଶଗୁଡିକ ସହିତ କୂଟନୈତିକ ସମ୍ପର୍କକୁ ସେ ଏକ ନୂଆ ସ୍ତରକୁ ନେଇଯାଇଛନ୍ତି। କୃଷକ, ଦଳିତ, ମହିଳା, ବଞ୍ଚିତ, ଅବହେଳିତ ଏବଂ ଯୁବପୀଢ଼ିଙ୍କ ଜୀବନରେ ସୁଧାର ଆଣିବା ଲାଗି ସେ ଆଜୀବନ ନିଜକୁ ସମର୍ପି ଦେଇଛନ୍ତି। ମହାମାରୀ ସମୟରେ ୮୦ କୋଟି ଜନସାଧାରଣଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି। ମୋଦି ସରକାର ଦେଶର ଭିତିଭୂମି ବିକାଶକୁ ପ୍ରାଥମିକତା ଦେଇ ନୂଆ ଭାରତର ଭିତି ପକାଇଛନ୍ତି। ସଡକ, ରେଳ, ବନ୍ଦର, ବିମାନସେବା ଆଦିରେ ସମ୍ପ୍ରସାରଣ ଓ ନୂତନତ୍ୱ ଦେଖିବାକୁ ମିଳିଛି। ମୋଦିଜୀଙ୍କ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ ମନ୍ତ୍ରକୁ ପାଥେୟ କରି ଆମ୍ଭେ ସମସ୍ତେ ଜନସାଧାରଣଙ୍କ କଲ୍ୟାଣ ଏବଂ ଉନ୍ନତି ଦିଗରେ ସମର୍ପି ଦେବା ପାଇଁ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ କାଳି ମନ୍ଦିର ଠାରେ ମୋଦିଜୀଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା କରାଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଦତ୍ତଙ୍କ ସମେତ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ସୀତାକାନ୍ତ ସ୍ୱାଇଁ, ପର୍ଶୁରାମ ବେହେରା, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ସୁଷମା ବିଶ୍ୱାଳ, ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ସତ୍ୟଜିତ ମିଶ୍ର, ବୈଲୋଚନ ଦାସ, ବିଜୟ ପାଣିଗ୍ରାହୀ, ଲୋକନାଥ ଭୂୟାଁ, ଦୁକୁଳ ଘୋଡେଇ, ଲକ୍ଷ୍ମୀଧର ବେହେରା, ସର୍ବେଶ୍ୱର ପାତ୍ର, ବିବେକାନନ୍ଦ ରାଉତ, ଜୀବନ ପାତ୍ର, ମାଧବାନନ୍ଦ ସାହୁ, ବିକାଶ ପାଢୀ, ମୁନା ମହନ୍ତ, ଅରୁପ ଜେନା, ସସ୍ମିତା ଦାଶ, ସଂଯୁକ୍ତା ମହାପାତ୍ର, ସୁକାନ୍ତି ଦେବ ଗୋସ୍ୱାମୀ, ହେମନ୍ତ ମାସନ୍ତ, ଯୋଗେନ ରଣା, ପର୍ଶୁ ମହାନ୍ତି, ଅଭିଷେକ ପଣ୍ଡା, ସେଖ ମିରାଜ, ପ୍ରତାପ ପ୍ରଧାନ, ବବଲୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




## ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ କୋର୍ଟ ଚାଲାଣ : କେନ୍ଦ୍ରାପଡା ଏସଡିପିଓଙ୍କ ସାମ୍ବାଦିକ ସମ୍ମିଳନୀ



କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଭରତପୁର ଗ୍ରାମର ଜନୈକ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗୁରୁବାର ଦେବରାଜ ଦଳେଇ ନାମକ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଉପଲକ୍ଷେ କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା ସଦର ଥାନାରେ ଆହୁତ ଏକ ପତ୍ରକାର ସମ୍ମିଳନୀରେ କହିଥିଲେ ଯେ ଗତ ୨୦୨୦ମସିହା ଅକ୍ଟୋବରମାସ ୫ତାରିଖରେ ଅଭିଯୁକ୍ତ ଦେବରାଜ ଏକ ନାବାଳିକାକୁ ଘରେ କେହି ନଥିବାର ସୁଯୋଗ ନେଇ ଦୁଷ୍କର୍ମ କରିଥିବା ସମ୍ପର୍କରେ ସଂପୃକ୍ତ ନାବାଳିକା ଜଣଙ୍କ ସଦର ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭି□କରି ସଦର ଥାନା ପୋଲିସ ୨୪୦/୨୦୨୦ରେ ଆ।ଇ.ପି.ସି.ର ୩୭୬(୨)(ଏଫ)(ଆଇ),୩୫୪,୫୦୬ ଓ ୬ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ସଂପୃକ୍ତ ଅଭିଯୁକ୍ତ ଦେବରାଜ ଫେରାର ହୋଇଯାଇଥିବାରୁ ତାଙ୍କୁ ଗିରଫ କରାଯାଇପାରିନଥିଲା। ଏସପିଙ୍କ ନିର୍ଦ୍ଦେଶରେ ଏହି ମାମଲାର ତଦନ୍ତକାରୀ ଅଧିକାରିଣୀ ଇନସପେକ୍ଟର ସସ୍ମିତା ବେହେରା ଅଭିଯୁକ୍ତ ଦେବରାଜକୁ କଟକରୁ ଗିରଫ କରି ସଦର ଥାନା ପୋଲିସକୁ ହସ୍ତାନ୍ତର କରିବା ପରେ ତାକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଥିଲେ କେନ୍ଦ୍ରାପଡା ଏସଡିପିଓ ଶ୍ରୀ ପଣ୍ଡା। କିନ୍ତୁ ଏହି ଘଟଣା ଘଟିଥିବା ଅ□ଳର ପଡୋଶୀମାନଙ୍କ ଠାରୁ ସୂଚନା ମିଳିଛି ଯେ ସଂପୃକ୍ତ ପିଡିତା ନାବାଳିକାଙ୍କ ମାମୁଁ ଏକ ପୂର୍ବ ବିବାଦକୁ ନେଇ ନାବାଳିକାଙ୍କ ବାପାଙ୍କ ବିରୋଧରେ ଏଭଳି ସଂଗୀନ ଅଭିଯୋଗ କରିବାକୁ ସଂପୃକ୍ତ ନାବାଳିକାଙ୍କୁ ଉସକାଇ ଥିଲେ। ଫଳରେ ନାବାଳିକା ଜଣଙ୍କ ଏଭଳି ଅଭିଯୋଗ କରିଥିଲେ। ଅଭିଯୁକ୍ତ ଜଣଙ୍କ ନାବାଳିକାର ପିତା। ଏହି ସାମ୍ବାଦିକ ସମ୍ମିଳନୀରେ ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ପବିତ୍ର ମହାରଣା ଉପସ୍ଥିତ ଥିଲେ।

## ରାଜ୍ୟରେ କରୋନାରେ ଆଉ ୪ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୮୧୫୦ ହେଲା

ଭୁବନେଶ୍ୱର: ରାଜ୍ୟରେ କରୋନାରେ ଆଉ ୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୧୫୦ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କେନ୍ଦ୍ରାପଡା, ଖୋର୍ଧା, ନୟାଗଡ ଓ କଟକ ଜିଲ୍ଲାରୁ ଜଣେ ଲେଖାଏ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି। ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ।

## ଉଦ୍ୟୋଗ ପାର୍କ- ଭୁବନେଶ୍ୱର ଦ୍ୱାରା ଷ୍ଟାର୍ଟ ଅପ୍ ପାଇଁ ୨.୦ ଖୋଲା ଚ୍ୟାଲେଞ୍ଜର ଶୁଭାରମ୍ଭ

ଭୁବନେଶ୍ୱର: ଉଦ୍ୟୋଗ ପାର୍କ-ଭୁବନେଶ୍ୱର ଦ୍ୱାରା ଷ୍ଟାର୍ଟ ଅପ୍ ପାଇଁ ୨.୦ ଖୋଲା ଚ୍ୟାଲେଞ୍ଜକୁ ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆର ମହାନିର୍ଦ୍ଦେଶକ ଡ. ଓମ୍‌କାର ରାୟଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ଏହି ଖୋଲା ଚ୍ୟାଲେଞ୍ଜ ପ୍ରୋଗ୍ରାମରେ ଉଦ୍ୟୋଗୀମାନଙ୍କ ଦରଖାସ୍ତକୁ ସିଧାସଳଖ ଅନ୍‌ଲାଇନ୍ ରେ ଆମନ୍ତ୍ରଣ କରାଯାଇ ନୂତନ ଷ୍ଟାର୍ଟ ଅପ୍, ନବସୃଜନ ଓ ଉଦ୍ୟୋଗୀମାନଙ୍କୁ ଚିହ୍ନଟ କରି ମନୋନୀତ କରାଯିବ। ଏହି ମନୋନୀତ ଷ୍ଟାର୍ଟ ଅପ୍ ଗୁଡ଼ିକୁ ପରବର୍ତ୍ତୀ ସମୟରେ ଆବଶ୍ୟକୀୟ ତାଲିମ୍, ମୂଳଧନ ଯୋଗାଇବା, ଉତ୍ପାଦ ପେଟେଂଟ କରାଇବା, ବଜାର ସୃଷ୍ଟି କରିବା ଇତ୍ୟାଦି କାମରେ ସହଯୋଗ ପ୍ରଦାନ କରାଯିବ । ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଉଦ୍ୟୋଗ ପାର୍କ ନକ୍‌ସା ପାଠାଗାର ଏବଂ ସମ୍ବଳ କେନ୍ଦ୍ରକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ହାଇସ୍କୁଲ ପାଠ୍ୟକ୍ରମରେ ଔଦ୍ୟୋଗୀକରଣ ଉପରେ ବିଷୟ ସ୍ଥାନିତ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଉଲ୍ଲେଖ କରି ଷ୍ଟାର୍ଟ ଅପ୍ ଓଡ଼ିଶା ଯୁବବର୍ଗଙ୍କ ମଧ୍ୟରେ ଉଦ୍ୟୋଗ ପ୍ରତି ମାନସିକତା ଜାଗ୍ରତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା କହିଥିଲେ। ଏଠାରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଉତ୍ପାଦ ନମୁନା ପ୍ରସ୍ତୁତି, ସେନ୍‌ସର, ନିୟନ୍ତ୍ରଣ ବୋର୍ଡ ଭଳି ସୁବିଧା ଉପଲବ୍ଧ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍‌ସ ଏବଂ ଆଇଟି ସଚିବ ମନୋଜ ମିଶ୍ର, ସାଇବର ମିଡିଆ ପରିଚାଳନା ନିର୍ଦ୍ଦେଶକ ପି. ଗୁପ୍ତା, ଏସ୍‌ଟିପିଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ମାନସ ପଣ୍ଡା, ନିର୍ଦ୍ଦେଶକ ଏସ୍‌ଟିପିଆଇ, ନୂଆଦିଲ୍ଲୀ ସୁବୋଧ ସାଚନ, ନିର୍ଦ୍ଦେଶକ ଟେକ୍‌ସାସ୍ ଇନ୍‌ଷ୍ଟ୍ରୁମେଂଟସ୍ ରାଜୀବ ଖୁସୁ, ଇନ୍‌ଟେଲ୍ ଉପସଭାପତି ତଥା ସାଧାରଣ ପରିଚାଳକ ସମ୍ବିତ୍ ସାହୁ, ନୂଆଦିଲ୍ଲୀ ଇଲେକ୍ଟ୍ରୋନିକ୍‌ସ ପାର୍କର ମୁଖ୍ୟ ନିର୍ବାହୀ ଅଧିକାରୀ ସଂଜୀବ ଚୋପ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

## ସମାଜ ମଙ୍ଗଳ ହୁଣ୍ଡିର ଆଲୋଚନାଚକ୍ର

ଭୁବନେଶ୍ୱର : ଅସହାୟ କର୍କଟ ପୀଡ଼ିତଙ୍କ ପାଇଁ ପ୍ରତିଷ୍ଠା କରାଯାଇଥିବା ସମାଜ ମଙ୍ଗଳ ହୁଣ୍ଡିର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଓ ଏକ ଆଲୋଚନାଚକ୍ର ଉତ୍କଳ ସାମ୍ବାଦିକ ସଂଘଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜ ମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ବାପୁ ଓଝାଙ୍କର ଅଧ୍ୟକ୍ଷତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସମାଜ ମଙ୍ଗଳ ହୁଣ୍ଡି ସ୍ଥାପନ କରିଥିବା ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ହୁଣ୍ଡି ସଭ୍ୟତାର ଉତ୍ପତି, ଗତି ଓ ସାମ୍ପ୍ରତିକ ସ୍ଥିତିକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର, ସମାଜସେବୀ ଶସ୍ମିତା ଦାସ, ସମାଜସେବୀ ତଥା କବୟତ୍ରୀ ଡଃ ବନ୍ଦନା ହରିଚନ୍ଦନ, ସମାଜସେବୀ ତଥା ସଙ୍ଗଠିକା ବିନ୍‌ଦାସ ଚିନୁ, ଅଧ୍ୟାପକ ଡଃ ଅସିତ୍ ଦାସ, କଣ୍ଠଶିଳ୍ପୀ ଡଃ ଜୟଶ୍ରୀ ଧଳ, ସମାଜସେବୀ ମହାସଂଘର କାର୍ଯ୍ୟକାରୀ ସଭାପତି ବାପି ମହାନ୍ତି, ସମାଜସେବୀ ମେନକା ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଜିଲ୍ଲାରେ ସମାଜ ମଙ୍ଗଳ ହୁଣ୍ଡିର ପ୍ରତିଷ୍ଠା କରି କର୍କଟ ପୀଡ଼ିତଙ୍କୁ ସେବା ଯୋଗାଉଥିବା ସମାଜସେବୀମାନଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।

## ଅସହାୟଙ୍କୁ ସହାୟତା ପ୍ରଦାନ କଲେ ପୂର୍ବତନ ବିଧାୟକ କିଶୋର

କେନ୍ଦ୍ରାପଡ଼ା:କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପ□ାୟତର ଗରାପୁର ଗ୍ରାମର ହନୁମାନ ମନ୍ଦିର ନିକଟସ୍ଥ କା□ିକ ଚରଣ ସାହୁଙ୍କ ପତ୍ନୀ ତାରୁଲତା ସାହୁଙ୍କ ଚାଳଛପର ଘର ଉପରେ ଗତ ପ୍ରବଳବର୍ଷା ଓ ପବନ ସମୟରେ ଏକ କରଞ୍ଜ ଗଛ ପଡିଯାଇଥିଲା। ଫଳରେ ତାରୁଲତାଙ୍କ ଘରଟି ସଂପୂର୍ଣ୍ଣ ଭାଙ୍ଗିଯାଇଥିଲା। ଏସମ୍ପର୍କରେ ଖବର ପାଇ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ ତାରୁଲତାଙ୍କ ଘର ନିକଟରେ ପହ□ ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବନେତା ସରୋଜକାନ୍ତ ସାହୁ, ବିକ୍ରମକେଶରୀ ବାରିକ, ରଶ୍ମିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଯୋଡ଼ା ସହର ରେ ଚମ୍ପୁଆ ବିଧାୟିକାଙ୍କ କୁଶପୁତଳିକା ଦାହ



ଯୋଡା: ଯୋଡ଼ା ଅଚଂଳର ହଜାର ହଜାର ଟ୍ରକ ମାଲିକଙ୍କର ଜୀବିକା ଉପରେ ପ୍ରହାର କରିଥିବା ନେଇ ଗାଡ଼ି ମାଲିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଆଜି କୁଶପୁତଳିକା ଦାହ ସମୟରେ ପରିଲକ୍ଷିତ ହୋଇଛି। ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ସ୍ୱାମୀ ଭକ୍ତବନ୍ଧୁ ମହାନ୍ତଙ୍କର ଟ୍ରକ ମାଲିକଙ୍କର ଜୀବନ ଜିବୀକା ଛଡାଇ ନେବା ପ୍ରତିବାଦରେ ଟ୍ରକ ମାଲିକ ଓ ସେମାନଙ୍କର ପରିବାର ବର୍ଗ ହଜାର ହଜାର ସଂଖ୍ୟାରେ ଏକ ବିରାଟ ପଟୁଆରରେ ଯୋଡା ବସଷ୍ଟାଣ୍ଡ ଠାରୁ ବାହାରି ଯୋଡା ଥାନା ସମ୍ମୁଖରେ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ କୁଶପୁତଳିକା ଦାହ କରିଥିବା ଦେଖିବାକୁ ମିଳିଛି। ପ୍ରାୟ ୫ ହଜାର ଲୋକ ଏହି ପଟୁଆରରେ ସାମିଲ ହୋଇ ହାତରେ ମଶାଲ ଓ ବ୍ୟାନର ଧରି ବିଧାୟିକା ଏବଂ ତାଙ୍କର ସ୍ୱାମୀ ଭକ୍ତବନ୍ଧୁଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ମାନ ଦେଇ ଯୋଡା ସହର ପରିକ୍ରମା କରିଥିଲେ । ପ୍ରବଳ ଜନସମାଗମ ଯୋଗୁଁ ଯୋଡା ସହର ମଧ୍ୟରେ ଗାଡି ଚଳାଚଳ କିଛି ସମୟ ପାଇଁ ସମ୍ପୂର୍ଣ୍ଣ ଥମି ଯାଇଥିଲା । ଟ୍ରକ ମାଲିକଙ୍କର ପରିଜନ ମାନେ ବଡବିଲ ଉପଖଣ୍ଡ ପୋଲିସ ଅଧିକାରୀ ହିଂମାଶୁ ଭୂଷଣ ବେହେରାଙ୍କୁ ତୁରନ୍ତ ବଦଳି କରିବା ପାଇଁ ସେମାନେ ଦାବି କରିଥିଲେ । ହିଂମାଶୁ ଭୂଷଣଙ୍କ ସହାୟତାରେ ବିଧାୟିକାଙ୍କର ଭଡାଟିଆ ଗୁଣ୍ଡା ଟ୍ରକ ମାଲିକଙ୍କ ଉପରେ ଜୁଲମ କରି ଆସୁଥିବା ବେଳେ ସେମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ତାଙ୍କର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଧାୟିକାଙ୍କର ସ୍ୱାମୀ, ଦିଅର, ଶ୍ୱଶୁର, ନଣନ୍ଦଙ୍କ ନାମରେ ରହିଛି ପରିବହନ ଲାଇସେନସ । ଏହାସହିତ ଖଣି ଅଚଂଳର ବିଭିନ୍ନ ଖଣି, ବିଭିନ୍ନ ରେଳକ୍ଷେତ୍ରରେ ତାଙ୍କର ଭାଗିଦାରୀ ରହିଥିବା ବେଳେ ମନଇଚ୍ଛା ପରିବହନ ଦର କମାଇ ଟ୍ରକ ମାଲିକଙ୍କ ଜୀବିକା ଛଡାଇ ନେବା ତାଙ୍କୁ ମହଙ୍ଗା ପଡିଛି । ଏଠାରେ ସୂଚନାଯୋଗ୍ୟ, ଯୋଡା ଠାରେ ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ନାମରେ ଏକ ସଂଘ ୧୯୯୩ ମସିହାରୁ କାର୍ଯ୍ୟ କରି ଆସୁଥିବା ବେଳେ ମିନାକ୍ଷୀଙ୍କ ହସ୍ତକ୍ଷେପ ଫଳରେ ଏଅ□ଳରେ ମାଳମାଳ ସଂଘ ଗଠନ କରାଯାଇ ତାହା ମାଧ୍ୟମରେ ଟ୍ରକ ମାଲିକ ମାନଙ୍କୁ ଶୋଷଣ କରାଯାଉଛି । ଭକ୍ତବନ୍ଧୁଙ୍କର ଗୁଣ୍ଡା ମାଧ୍ୟମରେ ପ୍ରତି ଟ୍ରିପ ପିଛା ଜୋରଜବରଦସ୍ତ ବଟି ଆଦାୟ କରାଯାଉଥିବା ଟ୍ରକ ମାଲିକଙ୍କୁ ଦେବାଳିଆ ପରିସ୍ଥିତିରେ ପହଚଂାଇ ଦେଇଛି । ପ୍ରତି ପରିବହନ ଏବଂ ରେଳ ବୋଝେଇରେ ପ୍ରାୟ ୬୦ଟି ସ୍ଥାନରେ ତାଙ୍କର ଭାଗିଦାରୀ ରହିଥିବା ଜଣାପଡିଛି । ଏଥିରେ ଟ୍ରକ ମାଲିକ ମାନେ ପ୍ରତିବାଦ କଲେ ତାଙ୍କୁ ଗୁଣ୍ଡା ଲଗାଇ ମରଣାନ୍ତକ ଆକ୍ରମଣ କରାଯାଉଛି । ଗତ ୧୯ ତାରିଖ ଜଜାଙ୍ଗ ଖଣିରୁ ବିଆରପିଏଲ କାରଖାନାକୁ ପରିବହନ ଦର ଟନ ପ୍ରତି ୩୮୩ ଟଙ୍କା ରହିଥିବା ବେଳେ ତେଲ ଦର ଶତକ ଛୁଇଁଥିଲେ ମଧ୍ୟ ଏହାକୁ ହ୍ରାସ କରାଯାଇ ୩୨୦ ଟଙ୍କା ପ୍ରତି ଟନ ଦିଆଯିବାରୁ ଟ୍ରକ ମାଲିକ ମାନଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ରତର ହୋଇଛି । ଏହାର ପ୍ରତିବାଦରେ ଟ୍ରକ ମାଲିକ ମାନେ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ଖଣି ଫାଟକ ସମ୍ମୁଖରେ ଦର ବୃଦ୍ଧି ନେଇ ଧାରଣାରେ ବସିଥିବା ବେଳେ ଭକ୍ତବନ୍ଧୁ ମହାନ୍ତ, ତାଙ୍କର ସହଯୋଗୀ ବାବିନା ଶତପଥୀ, ମହେନ୍ଦ୍ର ମହାନ୍ତି, ଲମ୍ବୁ ଗିରି, ମଧୁ ସାହୁ, ରବୀନ୍ଦ୍ର ବାରିକ ପ୍ରମୁଖ ଶତାଧିକ ମହିଳାଙ୍କୁ ନେଇ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ । ଏଥିରେ ଅନେକ ଟ୍ରକ ମାଲିକ କ୍ଷତାହତ ହୋଇଥିବା ବେଳେ ଏନେଇ ବାମେବାରୀ ଥାନାରେ ପୃଥକ ଭାବେ ୪ଟି ଏତଲା ଦିଆଯାଇଥିଲା । ଭକ୍ତବନ୍ଧୁ, ମହେନ୍ଦ୍ର, ବାବିନା ନାମରେ ଏକାଧିକ ଅପରାଧିକ ମାମଲା ବିଭିନ୍ନ ଥାନାରେ ରହିଥିଲେ ମଧ୍ୟ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ପୋଲିସ ଗିରଫ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରି ଆସୁଛି । ଶେଷରେ ଏହି ପଟୁଆର ଯୋଡା ଥାନାରେ ପହ□ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି ।

## ବେଆଇନ ବାଲି ବୋଝେଇ ଟ୍ରକ ଜବତ୍



କେନ୍ଦୁଝର(ପିଏନ): କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ଧୂର୍ତ୍ତପଦାରେ ଏକ ବେଆଇନ ବାଲି ବୋଝେଇ ଟ୍ରକକୁ ସଦର ତହସିଲଦାରଙ୍କ ନେତୃତ୍ୱରେ ସ୍କାର୍ଡ ଗୁରୁବାର ଦିନ ସକାଳ ୮ଟା ସମୟରେ ଜବତ୍ କରିଛି। ଆନନ୍ଦପୁର ଅ□ଳରୁ ବାଲି ବୋଝେଇ ଗାଡି ବିନା ଟ୍ରାନଜିଟ ପାସରେ ଯାଉଥିବା ଖବର ପାଇ ସଦର ତହସିଲଦାର ଆଶିଷ ମହାପାତ୍ର, ସଦର ଆରଆଇ ଭୋଳେଶ୍ୱର ପାତ୍ର, ଏଆରଆଇ ମନୋଜ ମହାନ୍ତ ଏବଂ ପୋଲିସ କର୍ମଚାରୀ ଗାଡିକୁ ଜବତ୍ କରି ଟାଉନ ଥାନାକୁ ହସ୍ତାନ୍ତର କରିଥିଲେ। ପରେ ୩୦ ହଜାର ଟଙ୍କା ଫାଇନ ଦେବା ପରେ ଗାଡିଟି ଛାଡ ପାଇଥିଲା। ଆନନ୍ଦପୁର ତହସିଲରୁ ଲୁଚାଛପାରେ ନିୟମିତ ବହୁ ଗାଡି କେନ୍ଦୁଝରକୁ ଆସୁଥିବାବେଳେ ତହସିଲ ପକ୍ଷରୁ ଯା□ କରାଯାଉଛି। ଆଇନଗତ ଭାବେ ଉତ୍ସରୁ ବାଲି ନଆଣି ଚୋରାରେ ବାଲି ଯୋଗାଣ ହେଉଥିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ହେଉଛି। ଲଘୁ ଖଣିଜ ଦ୍ରବ୍ୟର ଚୋରାକାରବାର ରୋକିବା ସହ ରାଜସ୍ୱ ବୃଦ୍ଧି ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଥିବା ସଦର ତହସିଲଦାର ପ୍ରକାଶ କରିଛନ୍ତି। ଚୋରୀ ହେଉଥିବା ସ୍ଥାନରେ ନୂତନ ସୌରାତ ଘୋଷଣା କରାଯାଇ ନିଲାମ ପ୍ରକ୍ରୀୟା ଶେଷ କରିବା ସହ ମାଇନିଂ ପ୍ଲାନ ଏବଂ ପରିବେଶ ମଞ୍ଜୁରୀ କାର୍ଯ୍ୟ କରାଯାଉଛି। ବେଆଇନ ଖଣିଜ କାରବାର ରୋକିବା ପାଇଁ କେନ୍ଦୁଝର ସଦର ଉପଖଣ୍ଡରେ ଓଆଇଏସଏଫ ମୃତୟନ କରାଗଲେ ଏହି କାରବାର ଉପରେ ଅଙ୍କୁଶ ଲଗାଯାଇପାରିବ ବୋଲି ମତବ୍ୟକ୍ତ ହୋଇଛି।

## କେନ୍ଦ୍ରାପଡା ଜିଲ୍ଲାରେ ଆଜି ୧୧କରୋନା ପଜିଟିଭ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାରେ ଗୁରୁବାର ୧୧ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଆଳି ବ୍ଲକରେ ୨ଜଣ କରୋନା ପଜିଟିଭ କେଶ ବାହାରିଥିବା ବେଳେ ଡେରାବିଶ ବ୍ଲକରେ ଜଣେ, ପଟ୍ଟାମୁଣ୍ଡାଇ ବ୍ଲକରେ ଜଣେ ଓ କେନ୍ଦ୍ରାପଡା ପୌରା□ଳରେ ୨ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି।

## ନୂତନ ଡାକ ନିରୀକ୍ଷକଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧନା



କେନ୍ଦୁଝର(ପିଏନ)- ଦୀର୍ଘଦିନ ଧରି କେନ୍ଦୁଝର ଡାକ ବିଭାଗର ଡାକ ନିରୀକ୍ଷକ ପୂର୍ବା□ଳ ପଦ ଖାଲି ପଡିଥିଲା। ଫଳରେ ପଶ୍ଚିମା□ଳ ଡାକ ନିରୀକ୍ଷକଙ୍କ ଉପରେ କାର୍ଯ୍ୟ ଭାର ବହୁତ ଅଧିକ ଥିଲା । ଏଣୁ ପୂର୍ବା□ଳ ସବ୍‌ଡିଭିଜନରେ କାର୍ଯ୍ୟ କରୁଥିବା ବାହୁ ଗ୍ରାମୀଣ ଡାକ ସେବକଙ୍କ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇ ଯାଇଥିଲା । ବିଳମ୍ବରେ ହେଲେ ମଧ୍ୟ ପି.ଏମ୍.ଜି. ସମ୍ବଲପୁର କେନ୍ଦୁଝର ଜିଲ୍ଲା ପୂର୍ବା□ଳ ସବ୍‌ଡିଭିଜନରେ ଡାକ ନିରୀକ୍ଷକ ପୁରସ୍ତମ ନାୟକ ତାଙ୍କର କାର୍ଯ୍ୟରେ ନୂତନ ଭାବେ ଯୋଗଦାନ କରିଛନ୍ତି । ଶ୍ରୀ ନାୟକଙ୍କ ଯୋଗଦାନ ହେତୁ ଜିଲ୍ଲା ଗ୍ରାମୀଣ ଡାକ ସେବକ ସଂଘର ସମ୍ପାଦକ ସଂଜୟ କୁମାର ପଣ୍ଡା ଓ ସାଥୀ ସହସମ୍ପାଦକ ପରମାନନ୍ଦ ଦାଶ, ଲକ୍ଷ୍ମଣ କୁମାର ମହାପାତ୍ର, ବିଦ୍ୟାଧର ସିଂହ, ମହେନ୍ଦ୍ର ମହାନ୍ତ, ଋଷିନାଥ ମହାନ୍ତ ସଂଘ କାର୍ଯ୍ୟକ□ା ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ଶ୍ରୀ ପଣ୍ଡା ଗ୍ରାମୀଣ ଡାକ କର୍ମଚାରୀଙ୍କ ନ୍ୟାର୍ଯ୍ୟ ଦାବି ଗୁଡିକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ଶ୍ରୀ ନାୟକଙ୍କୁ ଅନୁରୋଧ କରିଥିଲେ । ଗ୍ରାମା□ଳର ବିଭିନ୍ନ ଡାକଘରେ ନୂତନ ପ୍ରଯୁକ୍ତି ଯନ୍ତ୍ରପାତି କିପରି ସଠିକ୍ ବିନିଯୋଗ ହୋଇ ପାରିବ ଏବଂ ଜନସାଧାରଣ କିପରି ତ୍ୱରିତ ସେବା ପାଇ ପାରିବେ ସେଥିପାଇଁ ପ୍ରାଥମିକତା ଦେବାକୁ ସଂଘ ଅନୁରୋଧ କରିଥିଲା । ଡାକ ନିରୀକ୍ଷକଙ୍କୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶୃତି ଦେଇଥିଲେ।

## ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ

ହାଟଡିହି (ପିଏନ) :କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ଆସନ୍ତା ଅକ୍ଟୋବର ୧୫ ପ୍ରତିବେଶି ଦିବସ ଅବସରରେ ବିଭିନ୍ନ ସକରାତ୍ମକ ଭାବନାକୁ ନେଇ ପରିବେଶ ପ୍ରଦୂଷଣ ରୋକିବା ଓ ଅଧିକ ବୃଷ୍ଟିପାତ କରିବା ସକଳ ଭାବନାକୁ ଜାରି ରଖିଛନ୍ତି। ଏହି ଦିବସର ଗୁରୁତ୍ୱକୁ ନେଇ ବିଦ୍ୟୁତ୍ ବିଭାଗର ସିନିଅର ଡିଭିଜନ ଅଧିକାରୀ ମହେଶ୍ୱର ନାୟକ ପରିବେଶ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟ ପ୍ରଶିକ୍ଷକ ତଥା ଲିମ୍‌କା ବୁକ୍ ଅଫ୍ ରେକର୍ଡ ୨୦୧୮ ମସିହାରେ ପୁରସ୍କୃତ ହୋଇଥିବା ସୁପ୍ରିମ୍‌କୋର୍ଟର ଜଷ୍ଟିସ୍ ରାଧାକାନ୍ତ ତ୍ରିପାଠୀଙ୍କ ପରି ଆଉ କିଛି ଅସାଧାରଣ ଯୁବକ ରହିଥିଲେ। ଯେଉଁ ମାନଙ୍କ ମଧ୍ୟରେ ଶଙ୍କର୍ଷଣ ସ୍ୱାଇଁ ଯୁବ ସମାଜସେବୀ ନସିରପୁର ଓ ପ୍ରଦୀପ ଜେନା ଶାଳଣିଆଁ ଲାଇନ୍ ମ୍ୟାନ୍, ନସିରପୁର ଗ୍ରାମବାସୀ ମାନଙ୍କ ମଧ୍ୟରେ ବଳରାମ ସା, ଶ୍ରୀକାନ୍ତ ମିଶ୍ର, ରଶ୍ମିରଞ୍ଜନ ତ୍ରିପାଠୀ, ଆନନ୍ଦପୁର ଓକିଲ ସଂଘ ସଭ୍ୟ ଗୋପିନାଥ ନାୟକ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନସିରପୁର ଠାରେ ୩ ପ୍ରଜାତିର ୫ଶହ ଗଛ ଲଗା ଯାଇଛି । ଆଗରୁ ପୁରା ଜିଲ୍ଲା ଏବଂ ଜିଲ୍ଲା ବାହାରେ ଗଛ ଲଗାଯିବା କଥା ପ୍ରକାଶ କରିଛନ୍ତି ପ୍ରଶିକ୍ଷକ ରାଧାକାନ୍ତ ତ୍ରିପାଠୀ ।

## ଠାକୁରପଡା ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବ□ନ



ହରିଚନ୍ଦନପୁର(ପିଏନ): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଠାକୁରପଡା ଗ୍ରାମ ପଂଚାୟତରେ ସରପଂଚ ବିଜେନ୍ଦ୍ର ନାଏକ, ସମିତିସଭ୍ୟ ତ୍ରିଲୋଚନ ମହାନ୍ତ, ଜିଆରଏସ୍ ଦାଶରଥି ନାଏକ ଏବଂ ସମସ୍ତ ୱାର୍ଡମେମ୍ବରଙ୍କ ଉପସ୍ଥିତିରେ କରୋନା କଟକଣାର ନିୟମକୁ ମାନି ସର୍ବମୋଟ୍ ୧୦୪ଟି କାର୍ଯ୍ୟାଦେଶ ମଧ୍ୟରୁ ୨୦ଜଣ ଯୋଗ୍ୟ ହିତାଧିକାରୀଙ୍କୁ ବ□ନ କରାଯାଇଛି । ରହି ଯାଇଥିବା ଅନ୍ୟ କାର୍ଯ୍ୟାଦେଶ ଗୁଡିକ ପ୍ରତ୍ୟେକ ୱାର୍ଡମେମ୍ବରଙ୍କ ଦ୍ୱାରା ବ□ନ କରାଯିବ ବୋଲି ସରପଂଚ ଏବଂ ସମିତିସଭ୍ୟ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପଂଚାୟତବାସୀ ଅତ୍ୟନ୍ତ ପ୍ରଶଂସନୀୟ କାର୍ଯ୍ୟ ବୋଲି ପ୍ରକାଶ କରିଛନ୍ତି ।

## ଅକ୍ଷୟ ଶକ୍ତି ଉତ୍ସ ଯୋଗୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବା ସମ୍ଭାବନା

ଭୁବନେଶ୍ୱର,(ପିଏନ): ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ଭାରତ ବେଶ୍ ଅଗ୍ରଗତି କରିବାରେ ଲାଗିଛି। ୨୦୧୦ ଜୁନ୍‌ରେ ଦେଶର ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ୧୭.୫ ଗିଗାୱାଟ୍ ଥିବାବେଳେ ୧୦ ବର୍ଷ ପରେ ଏବେ ଏହା ୬୫ ଗିଗାୱାଟ୍‌ରେ ପହଂଚିଛି। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇବାରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଦେଶରେ କୋଇଲା ଏବଂ ତରଳ ହାଇଡ୍ରୋକାର୍ବନ ଉପରେ ନିର୍ଭରଶୀଳତା କମାଇବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା(ଆଇଇଏ) ଅନୁସାରେ ସମ୍ପ୍ରତି ବିଶ୍ୱସ୍ତରରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ମୋଟ ଶକ୍ତି ଉତ୍ସର ୨୬ ପ୍ରତିଶତ ରହିଛି। ୨୦୨୪ ସୁଦ୍ଧା ଏହା ୩୦ ପ୍ରତିଶତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇଲେ ଏହାର ସିଧାସଳଖ ସକାରାତ୍ମକ ପ୍ରଭାବ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପଡ଼ିବ। ଦୀର୍ଘ ୧୦ ବର୍ଷ ଧରି ଉପଭୋକ୍ତାଙ୍କ ବଢୁଥିବା ବିଦ୍ୟୁତ୍ ବୋଝ ହ୍ରାସ ପାଇବାର ଆଶା ରହିଛି। ଏବେ ନୂଆ, ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଉତ୍ସ ପ୍ରତି ଧୀରେଧୀରେ ପ୍ରତିଟି କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହୋଇଛି। ୨୦୧୮-୧୯ରେ ଅକ୍ଷୟ ଶକ୍ତି ଉତ୍ସ ଭାରତରେ ଗ୍ରୀଡ୍ ଅନୁରୂପତା ମାନ୍ୟତା ହାସଲ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଗତ ୧୦ ବର୍ଷ ଧରି ଅକ୍ଷୟ ଶକ୍ତି ଉତ୍ସର ଦାମ କମିବାରେ ଲାଗିଛି। ସମ୍ପ୍ରତି ବିକଳ୍ପ ଶକ୍ତି କ୍ଷେତ୍ରରେ ଡିସକମ୍, କ୍ୟାପ୍ ?ଯିଭ୍ ପାୱାର ପ୍ଲାଂଟ୍‌ର ଆବଶ୍ୟକତା ରହିଛି। ଏହା ଦ୍ୱାରା ସବୁଜ ବିଦ୍ୟୁତ୍ ଶକ୍ତି ଉତ୍ସର ଅକ୍ଷୟ ଶକ୍ତି ସାର୍ଟିଫିକେଟ(ଆର୍‌ଇସି) କିଣାଯାଇ ପାରୁଛି। ଯାହାଦ୍ୱାରା ରେନେୱବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ସମ୍ପନ୍ନ ହୋଇପାରୁଛି। ଆର୍‌ଇସି ଏକ ମାର୍କେଟ୍ ବେସଡ୍ ଇନଷ୍ଟ୍ରୁମେଂଟ୍ ଯାହାକି ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଛି। ଯାହାଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ। ଫଳରେ କ୍ୟାପ୍ଟିଭ୍ ପାୱାର ପ୍ଲାଂଟ୍ ଏବଂ ଡିସକମ୍ ଆଦି ରେନେୱବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଅନ୍ତର୍ଗତ ଅକ୍ଷୟ ଶକ୍ତି ଉତ୍ସ ନ ଥିବା ଅବା ୨୭୦ ଦିନର ସୂର୍ଯ୍ୟାଲୋକ ପଡୁଥିବା ଅଂଚଳ କିମ୍ବା ଉପକୂଳ ଅଂଚଳରେ ମେଘୁଆ ପାଗ ସତ୍ତ୍ୱେ ବିଦ୍ୟୁତ୍ ଉପଲବ୍ଧ ସମ୍ଭବ ହୋଇପାରିବ। ରିନେୱବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ। ସୋଲାର ଆର୍‌ଇସି ଦାମ ୟୁନିଟ୍ ପିଛା ୨.୨୫ ଟଙ୍କା ଥିବାବେଳେ ସୋଲା ପାୱାର ଯାହାକି ପାୱାର ସହିତ ଆର୍‌ଇସି ସାର୍ଟିଫିକେଟ ଯୁକ୍ତ, ତାହାର ଦାମ ୨୦୧୭-୧୮ ଆର୍ଥିକ ବର୍ଷରେ ହାରାହାରି କିଲୋୱାଟ୍‌ଘଂଟା ପ୍ରତି ୨.୫୦ଟଙ୍କାରେ ନିଲାମ କରାଯାଇଛି। ଏସମ୍ପର୍କରେ ରେଗୁଲେଟାରୀ ଏକ୍ସପର୍ଟ ଏବଂ କନସଲଟାଂଟ୍ ମନିଶ୍ ଗର୍ଗ କୁହନ୍ତି, ଭାରତରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ବଢ଼ିଲେ ଏହାର ପରୋକ୍ଷ ପ୍ରଭାବ ଉପଭୋକ୍ତାଙ୍କ ଉପରେ ହିଁ ପଡ଼ିବ। ସେମାନେ ବିଦ୍ୟୁତ୍ ପାଇଁ ପୈଠ କରୁଥିବା ଅଧିକ ଦାମ କମିଯିବାର ଆଶା ରହିବ। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ମୂଲ୍ୟ କମିଲେ ଉପଭୋକ୍ତାମାନେ ବେଶ୍‌ଉପକୃତ ହୋଇ ପାରିବେ। ଏହାଦ୍ୱାରା ନିବେଶକ ଏବଂ ଉପଭୋକ୍ତା ଲାଭାନ୍ୱିତ ହୋଇପାରିବେ। ଉପଭୋକ୍ତାଙ୍କ ଅନାବଶ୍ୟକ ଖର୍ଚ୍ଚ କମିଯିବାର ସମ୍ଭାବନା ରହିବ। ଆର୍‌ଇସିର ସଂଶୋଧନ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଳମ୍ବ ହେଲେ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ବଢ଼ିଯିବ।




# ସ୍ୱଚ୍ଛତା ନାମରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ



କୋଣାର୍କ (ପିଏନ୍)-ଗାନ୍ଧିଜୀଙ୍କ ସ୍ୱଚ୍ଛ ଓ ନିର୍ମଳ ଭାରତ ଗଠନ ପରିକଳ୍ପନାକୁ ସାକାର କରିବା ପାଇଁ ଗତ ୨୦୧୪ ମସିହା ଅକ୍ଟୋବର ୨ତାରିଖ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ୧୪୫ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସ୍ୱଚ୍ଛ ନିର୍ମଳ ଭାରତ ଗଠନ ଓ ବାହ୍ୟ ମଳତ୍ୟାଗ ନ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଥିଲା । ଏହି ଅଭିଯାନକୁ ସାକାର କରିବା ପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ସ୍ୱଚ୍ଛ, ନିର୍ମଳ ଭାରତ ଗଠନ ଓ ବାହ୍ୟ ମଳମୁକ୍ତ ଅଞ୍ଚଳ ତ ଦୂରର କଥା ୭ବର୍ଷ ଭିତରେ କୌଣସି ସ୍ଥାନରେ ସ୍ୱଚ୍ଛତା ଦେଖିବାକୁ ମିଳିପାରି ନାହିଁ । ସ୍ୱଚ୍ଛ ନିର୍ମଳ ଭାରତ ଗଠନ ଓ ବାହ୍ୟ ମଳମୁକ୍ତ ଅଞ୍ଚଳ ଅଭିଯାନରେ ସମଗ୍ର ଦେଶର ସରକାରୀ ଓ ବେସରକାରୀ ଅନୁଷ୍ଠାନମାନ ସାମିଲି ହୋଇ ନିଜ ନିଜ ଅଞ୍ଚଳକୁ ସଫେଇ କରୁଥିବା ବେଳେ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଏଥିରେ ବଡ ବଡ ରାଜନେତା, ଅଭିନେତା, ସରକାରୀ ବାବୁ ଓ ସ୍ୱେଚ୍ଛାସେବୀମାନେ ମଧ୍ୟ ସାମିଲି ହୋଇ ଲୋକ ଦେଖାଣିଆ ଭାବେ ସଫେଇ କରି ନିଜ ନାମ ଓ ଫଟୋକୁ ଗଣମାଧ୍ୟମରେ କିଭଳି ପ୍ରକାଶିତ ହୋଇ ପାରିବ ସେନେଇ ତତପରତା ପ୍ରକାଶ କରୁଥିବା ବେଳେ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେଉନଥିବା ଦେଖିବାକୁ ମିଳିଛି । ହେଲେ ଏହି ସ୍ୱଚ୍ଛ ଭାରତ ଅଭିଯାନ ଦ୍ୱାରା କେତେ ସଚେତନ ହୋଇଛୁ ଆମେ ଓ ଆମ ପରିବେଶ ତା ବିଭିନ୍ନ ସ୍ଥାନରେ ପଡି ରହିଥିବା ଅଳିଆ ଅବର୍ଜନା ଓ ବାହ୍ୟ ମଳ ତ୍ୟାଗକୁ ଦେଖିଲେ ସହଜରେ ଅନୁମେୟ ହୋଇଯିବ । କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ଏହି ସ୍ୱେଚ୍ଛ ନିର୍ମଳ ଭାରତ ଅଭିଯାନ ଓ ଖୋଲା ସ୍ଥାନରେ ମଳମୂତ୍ର ତ୍ୟାଗ ନକରିବା ଅଭିଯାନରେ ସାମିଲି ହୋଇଛି କୋଣାର୍କ ଏନଏସି । ଏନଏସି ଅଞ୍ଚଳରେ ଥିବା ଚନ୍ଦ୍ରଭାଗା ନୋଳିଆସାହୀ ଓ ବଜାର, ସମୁଦ୍ର କୂଳ, ସୂର୍ଯ୍ୟମନ୍ଦିର ଚତୁପାର୍ଶ୍ୱ, ବଷ ଷ୍ଟାଣ୍ଡ, ଥାନାଛକ, ଟୁରିଷ୍ଟ ମାର୍କେଟ, ଡାକ୍ତର ଖାନା ପରିସର, ଡ୍ରେନ ମଧ୍ୟରେ କୁଢ କୁଢ ଅଳିଆ ଆବର୍ଜନା କୋଣାର୍କ ଏନଏସିର ୧୩ଟି ୱାର୍ଡକୁ ସଂଯୋଗ କରୁଥିବା ଗଳିକନ୍ଦି ରାସ୍ତାର ଉଭୟ ପାର୍ଶ୍ୱରେ ବାହ୍ୟ ମଳ ତ୍ୟାଗକୁ ଦେଖିଲେ କେତେ ସ୍ୱଚ୍ଛ ହୋଇଛି ଆନ୍ତର୍ଜାତିକ ପର୍ଯ୍ୟଟନ ସ୍ଥଳି କୋଣାର୍କ ତାହା ସହଜରେ ଅନୁମେୟ ହୋଇଛିବ । ବିଭିନ୍ନ ସମୟରେ କୋଣାର୍କ ଏନଏସି କର୍ତ୍ତୃପକ୍ଷ କେତେକ ୱାର୍ଡକୁ ବାହ୍ୟମଳ ମୁକ୍ତ ଅଞ୍ଚଳ ବୋଲି ଘୋଷଣା କରିଥିବା ବେଳେ ବାସ୍ତବରେ ସେହି ୱାର୍ଡ ମାନଙ୍କରେ ତାହା ଦେଖିବାକୁ ମଲୁ ନାହିଁ । କୋଣାର୍କ ଏନଏସିରେ ବସବାସ କରୁଥିବା ବାସିନ୍ଦାମାନଙ୍କୁ ପାଇଖାନା ନିର୍ମାଣ ପାଇଁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଥିବା ବେଳେ ଏହାକୁ ଆଧାର କରି ଏନଏସି କର୍ତ୍ତୃପକ୍ଷ ବାହ୍ୟ ମାମୁକ୍ତ ଅଞ୍ଚଳ ବୋଲି ବାହାସପଟ ମାରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏତଦବ୍ୟତିତ ରାସ୍ତା କଡ଼ରେ ମଳତ୍ୟାଗ, କୁଢ କୁଢ ଅଳିଆ ଅବର୍ଜନା ଗଦା ହେବାରୁ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଦୂର୍ଗନ୍ଧ ମୟ ପରିବେଶ ସୃଷ୍ଟି କରୁଛି । ଚନ୍ଦ୍ରଭାଗା ତୀର୍ଥ ପୂଷ୍କରଣୀରେ ଅଳିଆ ଅବର୍ଜନା ଜମା ହୋଇ ରହିଥିବାରୁ ଏହା ଏବେ ତୀର୍ଥସ୍ନାନ ପାଇଁ ଅନୁପଯୋଗୀ ହୋଇ ପଡିଛି । ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ପୁତି ଗନ୍ଧମୟ ପରିବେଶକୁ ଦେଖି ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ସ୍ୱଚ୍ଛତା ବୋଲି ଏଠାରେ କୌଣସି ବାତାବରଣ ଦେଖିବାକୁ ମିଳୁନାହିଁ । ପ୍ରତେହ ସ୍ୱଚ୍ଛତା ପାଇଁ କୋଣାର୍କ ଏନଏସିକୁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କାକୁ ହରିଲୁଟ କରାଯାଉଛି । ବିଭିନ୍ନ ସମୟରେ ବିଭିନ୍ନ ସଙ୍ଗଠନମାନଙ୍କ ପକ୍ଷରୁ ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱ, ସ୍ୱାସ୍ଥ୍ୟକେନ୍ଦ୍ର, ଶିକ୍ଷାନୁଷ୍ଠାନ, ଚନ୍ଦ୍ରଭାଗା ବେଳାଭୂମୀ ପରିସରରେ ପଡିରହିଥିବା ଅଳିଆ ଆବର୍ଜନାକୁ ମିଡିଆ କଭରେଜ ଓ ନିଜର ପତିଆରା ବୃଦ୍ଧି ପାଇଁ ଲୋକ ଦେଖାଣିଆ ଭାବେ ସଫା କରି କାମ ସାରି ଦେଉଥିବା ବେଳେ ଲୋକଙ୍କ ମଧ୍ୟରେ ବ୍ୟାପକ ଜନସଚେତନତା ଅଭାବ ଯୋଗୁଁ ଗାନ୍ଧୀଙ୍କ ସ୍ୱଚ୍ଛ ଭାରତ ଅଭିଯାନର ପରିକଳ୍ପନା ସାକାର ହୋଇପାରୁ ନାହିଁ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କହିଛନ୍ତି ।

## ବନ ବିଭାଗ ଅଧିକାରୀଙ୍କ ଅଡିଓ ଭାଇରାଲକୁ ନେଇ ଚର୍ଚ୍ଚା

କେନ୍ଦୁଝର (ପିଏନ୍): ବଡବିଲ ରେଞ୍ଜର ଜଣେ ଫରେଷ୍ଟର ଜଣେ ପୂର୍ବତନ ବନ ଅଧିକାରୀଙ୍କ ସହିତ ଫୋନରେ କଥା ହେବାର ଏକ ଅଡିଓ ଭାଇରାଲ ହୋଇଛି। ଉକ୍ତ ଅଡିଓ ଭାଇରାଲରେ ଜଣେ ବନ ବିଭାଗର ଅଧିକାରୀ କିଛି ବର୍ଷ ତଳୁ ଅବସର ନେଇଥିଲେ ହେଁ ବଡବିଲ ଖଣି ଅଞ୍ଚଳରେ ନିଜର ଦବଦବା ଜାହିର କରିବା ପାଇଁ ଜଣେ ଫରେଷ୍ଟରଙ୍କ ମାଧ୍ୟମରେ ଉଦ୍ୟମ କରୁଥିବା ନେଇ ଆଲୋଚନା ହେଉଛି। ଜଣେ ଅବସରପ୍ରାପ୍ତ ଏସିଏଫ୍ ୩ ବର୍ଷ ତଳୁ ଅବସର ନେବା ପରେ ମଧ୍ୟ ଖଣି ଅଞ୍ଚଳରୁ ନିୟମିତ ଭାବେ ବଟି ନେଉଛନ୍ତି। ଏହି ଅଡିଓ ରେ ଉଭୟଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପ ଭାଇରାଲ ହେବା ପରେ ବଡବିଲ ଖଣି ଅଞ୍ଚଳରେ ଅବସରପ୍ରାପ୍ତ ବନ ବିଭାଗ ଅଧିକାରୀ ନିଜର ଘନିଷ୍ଠ ସହଯୋଗୀ ଜଣେ ଫରେଷ୍ଟର ଙ୍କ ମାଧ୍ୟମରେ ଏବେ ବି ଖଣି ଅଞ୍ଚଳରେ ହସ୍ତକ୍ଷେପ ଜାରି ରହିଥିବା ସ୍ପଷ୍ଟ ହୋଇଛି। ଉକ୍ତ ବାର୍ତ୍ତାଳାପରେ ଭଦ୍ରାସାହିର ଏକ ଖଣି ସଂସ୍ଥାରୁ ବର୍ଷକ ପାଇଁ ଚାନ୍ଦା ମାଗିବା ଉକ୍ତ ଫରେଷ୍ଟରଙ୍କୁ ଅବସରପ୍ରାପ୍ତ ବନ ଅଧିକାରୀ କହୁଥିବା ଆଲୋଚନାର ବିଷୟ ହୋଇଛି। କମ୍ପାନୀ ଅରାଜି ହେଲେ ମୋବାଇଲରେ ତାଙ୍କୁ ଫୋନ କରିବାକୁ ଅବସର ନେଇଥିବା ଅଧିକାରୀ ଜଣକ ନିର୍ଦ୍ଦେଶ ଦେଉଛନ୍ତି। ଯାହାକି ବନ ବିଭାଗର ଜିଲ୍ଲା ବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ଅବସରପ୍ରାପ୍ତ ଅଧିକାରୀ ଜଣକ ନିଜକୁ ବଡବିଲ ରେଞ୍ଜର ବନାଞ୍ଚଳ ଅଧିକାରୀ ଭାବେ ପରିଚୟ ଦେବାକୁ କହୁଥିବା ଉକ୍ତ ଭାଇରାଲ ଅଡିଓ ରୁ ଜଣାପଡିଛି। ଏହି ଅଡିଓ ଭାଇରାଲ ପରେ ଖଣି ଅଞ୍ଚଳରୁ ବନ ବିଭାଗର ଅଧିକାରୀମାନେ ଅହେତୁକ ଅନୁକମ୍ପା ଦେଖାଇ ଖଣି ଯାଂଚ କରିବାର ଭୟ ଦେଖାଇ ନିୟମିତ ଚାନ୍ଦା ଆଦାୟ କରୁଥିବା ଅନୁମାନ କରାଯାଉଛି। ଚମ୍ପୁଆ ରେ ଏବଂ ବଡବିଲ ରେଞ୍ଜର କିଛି ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ ବହୁ ବର୍ଷ ଧରି ରହିଥିବାରୁ ମାଫିଆଙ୍କ ସହ ସମ୍ପର୍କ ରହିଛି। ବଦଳି ବା ପଦୋନ୍ନତି ପରେ ଏହି ଦୁଇ ରେଞ୍ଜରେ ଧରାଧରି କରି ପୁଣି ବଦଳି ହୋଇ ଆସୁଛନ୍ତି। ଏହାକୁ ନେଇ ବିଭାଗର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଣେ ଫରେଷ୍ଟର ନିଜ ପଦୋନ୍ନତିକୁ ଅଗ୍ରାହ୍ୟ କରି ବଡବିଲ ରେଂଜରେ ଅଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଡିଏଫଓ ସେମାନଙ୍କୁ ବଦଳୀ କିମ୍ବା କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ଜଙ୍ଗଲରୁ ଖଣିଜ ସମ୍ପଦ ଚୋରୀ ହେଉଛି। ଜଙ୍ଗଲ ମଧ୍ୟରୁ ଖଣି ଚୋରୀ ବହୁ ବର୍ଷ ଧରି ଚାଲିଥିଲେ ମଧ୍ୟ ବିଭାଗୀୟ ଉଚ୍ଚ ଅଧିକାରୀ ତଦାରଖ ଅଭାବକୁ ଦାୟୀ କରାଯାଇଛି। ଝାଡଖଣ୍ଡ ମାଫିଆଙ୍କ ସହ କିଛି ଅଧିକାରୀଙ୍କ ସମ୍ପର୍କ ଥିବାରୁ ତଳତଳିଆ ବନ କର୍ମଚାରୀ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ବଡବିଲରେ ନାଲଦା ବିଟ୍‌ରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ଦୀପକ ସ୍ୱାଇଁଙ୍କୁ ଝାଡଖଣ୍ଡ ଜାମଦାରୁ ଲୋକ ଲଗାଇ ପିଟିବା ପାଇଁ ବାର୍ତ୍ତାଳାପ କରୁଛନ୍ତି। ତେବେ କେଉଁ କାରଣ ପାଇଁ ଫରେଷ୍ଟ ଗାର୍ଡ ଦୀପକ ସ୍ୱାଇଁଙ୍କୁ ପିଟିବା ପାଇଁ କୁହାଯାଉଛି ତାହା ଜଣାପଡିନାହିଁ। ଅଡିଓ ଭାଇରାଲ ହେବା ପରେ ଏବେ ବନ ବିଭାଗ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି।

## ଆବାସ ଯୋଜନାରୁ ବଞ୍ଚିତ ଲତା ବେହେରା



କେନ୍ଦୁଝର (ପିଏନ୍):କେନ୍ଦୁଝର ପୌରାଞ୍ଚଳ ୪ନଂ ୱାର୍ଡର ବିଧବା ଲତା ବେହେରା ଭଙ୍ଗା ଦଦରା ମାଟିଘରେ ଜରିପାଲ ଟାଙ୍ଗି ୩ପ୍ରାଣୀ ପରିବାର ସହ ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଥିବା ଦେଖିବାକୁ ମିଳିଛି । ଘରର ଅବସ୍ଥା ଏମିତି ହୋଇଛି ଯେ ଦିନରେ ସୂର୍ଯ୍ୟ ଏବଂ ରାତିରେ ଜହ୍ନ ଦେଖାଯାଉଛି । ଏମିତିକି ଲଗାଣ ବର୍ଷା ହେବା ଫଳରେ ଘରର ସବୁଆଡେ ଦର ଦର ପାଣି ଗଳିବା ଯୋଗୁଁ ଘରକୁ ଲାଗି ରହିଥିବା ଅଙ୍ଗନୱାଡି ବାରଣ୍ଡାରେ ମା' ଏବଂ ଦୁଇପୁଅ ଆଶ୍ରୟ ନେଉଛନ୍ତି । ସ୍ୱାମୀ ୧୫ ବର୍ଷ ହେଲା ଆରପାରିକୁ ଚାଲିଯିବା ପରେ ବହୁ ଦୁଃଖକଷ୍ଟରେ ଛୋଟ ଛୋଟ ଛୁଆଙ୍କୁ ଧରି ମୂଲମଜୁରୀ କରି ପରିବାର ଚଳାଇ ଆସୁଥିଲେ । କିନ୍ତୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ସରକାରଙ୍କ ଆବାସ ଯୋଜନା ତାଙ୍କ ପାଇଁ ସାତସପନ ପାଲଟିଛି । ବହୁବାର ଆବାସ ଯୋଜନା ପାଇଁ ଆବେଦନ କରିଥିଲେ ମଧ୍ୟ ସରକାରୀ ବାବୁମାନେ ଆସି ତାଙ୍କ ଘରକୁ ଦେଖିଯିବା ସହିତ ଆବାସ ଯୋଜନାରେ ଘର ମିଳିବ ବୋଲି ଆଜକୁ ୫/୬ ବର୍ଷ ହେବ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ । ଏପରିକି ବର୍ଷା ପାଣିରୁ ରକ୍ଷା ପାଇବାକୁ ଜରିପାଲ ଖଣ୍ଡେ ପାଇଁ ପୌରପାଳିକା କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ପାଲ ତ ମିଳିବା ଦୂରେ ଥାଉ ତାଙ୍କୁ ଗାଳି ଗୁଲଜ କରି ପଠାଇ ଦେଇଥିବା ଅଭିଯୋଗ କରିଛନ୍ତି । ଯେଉଁମାନଙ୍କୁ ଜରିପାଲ ମିଳିବା କଥା ସେମାନଙ୍କୁ ମିଳୁନାହିଁ ଏବଂ ଯେଉଁ ମାନଙ୍କର ଦରକାର ନାହିଁ ସେମାନଙ୍କୁ ମିଳିଛି ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଯଥାଶୀଘ୍ର ଆବାସ ଯୋଜନାରେ ତାଙ୍କୁ ଘର ଖଣ୍ଡିଏ ଯୋଗାଇ ଦେବାପାଇଁ ଅଂଚଳବାସୀ ଦାବି କରିଛନ୍ତି ।

# ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଣ୍ଟ। ପରୀକ୍ଷାମୂଳକ ଭାବେ ପେମ୍ବିଏଣ୍ଟକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି । ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଣ୍ଟର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଚି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଣ୍ଟ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି । ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଣ୍ଟ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।

## ଭିତରକନିକା ଅଭୟାରଣ୍ୟର ଲୋଗକୁ ନେଇ ବିବାଦ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ରାଜନଗରସ୍ଥିତ ଅଭୟାରଣ୍ୟ ତଥା ଜାତୀୟ ଉଦ୍ୟାନ ମୁଖ୍ୟତଃ କଇଁଛ ପ୍ରଜନନ ଓ କୁମ୍ଭୀର ପ୍ରଜନନ କେନ୍ଦ୍ର ଭାବେ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ପାଇ ଆସିଛି। ଜାତୀୟ ଉଦ୍ୟାନ ଅନ୍ତର୍ଗତ ଗହୀର ମଥାର ବିସ୍ତୃତ ସାମୁଦ୍ରିକ ବେଳାଭୂମିକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ବିଭିନ୍ନ ପ୍ରଜାତିର କଇଁଛଙ୍କ ଆଗମନ ଓ ଅଣ୍ଡାଦାନ ସାରା ବିଶ୍ୱରେ ବହୁ ଚର୍ଚ୍ଚିତ ବିଷୟ ହୋଇରହିଛି। ଏଣୁ ରାଜ୍ୟ ସରକାର ବିରଳ ପ୍ରଜାତି ଅଲିଭରିଡଲେ କଇଁଛ ଓ କୁମ୍ଭୀର ଚିତ୍ର ଥାଇ ଭିତରକନିକାର ସ୍ୱତନ୍ତ୍ର ଲୋଗୋ ପ୍ରଚଳନ କରିଆସୁଥିବା ଯଥାର୍ଥ ଥିବା ବେଳେ ଏବେ ରାଜନଗର ବନ୍ୟପ୍ରାଣୀ ଅଧିକାରୀ ମନମୁଖୀ ଭାବେ ଏକ ଲୋଗୋ ପ୍ରସ୍ତୁତ କରି ତାକୁ ଭାଇରାଲ କରିଥିବା କେନ୍ଦ୍ରାପଡାବାସୀ ଓ ପରିବେଶବିତମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଘଟଣାକୁ ଜନଶକ୍ତି ପାର୍ଟି ଗମ୍ଭୀରତାର ସହ ନେଇ ରାଜନଗର ଡିଏଫଓଙ୍କ ଏଭଳି ମନମୁଖୀ ଲୋଗୋ ଭାଇରାଲକୁ ବିରୋଧକରି କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନୂଆ ଲୋଗୋରେ ବିରଳ ଅଲିଭରିଡଲେ ଏବଂ କୁମ୍ଭୀର ଚିତ୍ର ନଥିବାରୁ ଏହି ଲୋଗୋ ଭିତରକନିକାର ସ୍ୱତନ୍ତ୍ର ପରିଚୟ ବହନ କରୁନଥିବା ବିଷୟ ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ଆଇନଜିବି ପ୍ରଦିପ କୁମାର ଦାଶ ଅଭିଯୋଗ କରିଛନ୍ତି। ଭିତରକନିକାର ଯଥାର୍ଥ ଲୋଗୋ ଜାରି କରିବାକୁ ଶ୍ରୀ ଦାଶଙ୍କ ସମେତ ସୂର୍ଯ୍ୟମଣୀ ପଣ୍ଡା, ନରୋତ୍ତମ ଜେନା, ବିବେକ ନାୟକ, ସେକ ଆସିକୁଦ୍ଦିନ, କ୍ଷେତ୍ରବାସୀ ସାହୁ, ସେକ ଅମିରୁଦ୍ଦିନ, କିସୁ ଜେନା ପ୍ରମୁଖ କର୍ମକର୍ତ୍ତାମାନେ ଅଭିଯୋଗ କରିବା ସହିତ ରାଜନଗର ଡିଏଫଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଯଦି ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତେବେ ପାର୍ଟି ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଭାପତି ଶ୍ରୀ ଦାଶ କହିଛନ୍ତି।

## ପରିବେଶ ସଚେତନତା କର୍ମଶାଳା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ କଳାବୁଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପରିବେଶ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୋପବନ୍ଧୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଗରଦପୁର ତହସିଲଦାର ଅଶୋକ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବର୍ତ୍ତନ ହେବ ସମାଜ। ସେମାନେ ଆଗାମୀ ପିଢୀର ଭବିଷ୍ୟତ, ସେମାନଙ୍କ ଭବିଷ୍ୟତକୁ ସେମାନେ ବୃକ୍ଷରୋପଣ ସଂରକ୍ଷଣ କରି ସୁରକ୍ଷା ଦେବେ ବୋଲି ମତବ୍ୟକ୍ତ କରି ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଦୈନିକ ସକାଳର ଜିଲ୍ଲା ପ୍ରତିନିଧି ଦେବଦତ୍ତ ଦାଶ, ପ୍ରକୃତିବନ୍ଧୁ ଦ୍ୱାରିକାନାଥ ସେନାପତି, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶୈଳେନ୍ଦ୍ର ମହାନ୍ତି, ସରପଞ୍ଚ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପରିବେଶ ସଚେତନତା ସମ୍ପର୍କିତ ଆଲୋଚନା ମାଧ୍ୟମରେ ବ୍ୟାପକ ବୃକ୍ଷରୋପଣ, ପରିବେଶ ପ୍ରଦୂଷଣ ଓ ତାହାର ନିରାକରଣ, ଅମ୍ଳବର୍ଷା, ଓଜନ ସ୍ତର କ୍ଷୟ, ବିଶ୍ୱ ତାପନ, ଶକ୍ତି ସଂରକ୍ଷଣ ପ୍ରଭୃତି ବିଷୟରେ ମତବ୍ୟକ୍ତ କରିଥିଲେ। ପଣ୍ଡିତ ପ୍ରଭାତ କୁମାର ଶତପଥୀ ବେଦପାଠ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଶରଦ କୁମାର ସାହୁ ଛାତ୍ରଛାତ୍ରୀଙ୍କୁ ପରିବେଶ ସମ୍ପର୍କରେ କେତେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିମା କୁମାର ରଥ, ହେମନ୍ତ କୁମାର ସ୍ୱାଇଁ, ଶ୍ରୀକାନ୍ତ ସାହୁ, ତରଙ୍ଗ କୁମାର ଦାସ, ଅଜିତ କୁମାର ମଲ୍ଲିକ, ରବୀନ୍ଦ୍ର ନାଥ ଦାସ, ଭିକାରୀଚରଣ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଇକୋକ୍ଲବ ଶିକ୍ଷକ ବୈଦ୍ୟନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ବୃକ୍ଷର ଚାରା ରୋପଣ କରାଯାଇଥିଲା।

## ଆହାର କେନ୍ଦ୍ରରେ ଲୋକଙ୍କ ସହ ବସି ଖାଦ୍ୟ ଖାଇଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷା



କେନ୍ଦୁଝର (ପିଏନ୍): ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଓ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଲତିକା ଦେହୁରୀ ହଠାତ୍ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ରକୁ ଯାଇ ଲୋକଙ୍କ ସହ ବସି ଖାଦ୍ୟ ଖାଇଥିଲେ। ଖାଇବା ପରେ ଖାଦ୍ୟର ପରିମାଣ ଠିକ୍ ଥିଲେ ହେଁ ମାନ ଠିକ୍ ନଥିବାରୁ ଅସନ୍ତୋଷ ବ୍ୟକ୍ତ କରି ଉପସ୍ଥିତ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ।

ଖାଦ୍ୟରେ ଦିଆଯାଇଥିବା ଡାଲମାରେ ଡାଲି ସିଝି ନଥିବା ବେଳେ ଭାତ ମଧ୍ୟ ଦରସିଝା ଥିଲା। ଏହାକୁ ନେଇ ଦାୟିତ୍ୱରେ ଥିବା ଉପସ୍ଥିତ କର୍ମଚାରୀଙ୍କୁ ତାଗିଦ୍ କରିବା ସହ ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରିଥିଲେ। ଦୈନିକ ଉକ୍ତ କେନ୍ଦ୍ରରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ମିଶାଇ ୩ ଶହ ଲୋକଙ୍କ ଖାଦ୍ୟ ଯୋଗାଇ ଦିଆଯାଇଥାଏ।

ତେବେ ଉପଯୁକ୍ତ ତଦାରଖ ଅଭାବରୁ ଅନେକ ସମୟରେ ଖାଦ୍ୟର ଗୁଣବତ୍ତା ଓ ପରିମାଣକୁ ନେଇ ଅଭିଯୋଗ ହୋଇ ଆସୁଥିଲେ ହେଁ ଦାୟିତ୍ୱରେ ଥିବା ଆହାର ସୋସାଇଟିର ଅଧିକାରୀ ଏହାର ନିୟମିତ ତଦାରଖ କରୁନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଏଠାରେ ଖାଉଥିବା ଲୋକଙ୍କ ମଧ୍ୟରେ ଦେଖାଦେଇଛି। ଉକ୍ତ ଖାଦ୍ୟ ରାଙ୍କି ସ୍ଥିତ ସେଣ୍ଟ୍ରାଲ କିଚେନରୁ ପ୍ରସ୍ତୁତ ହୋଇ ଆହାର କେନ୍ଦ୍ରକୁ ଆସୁଛି।

## ସ୍ୱଚ୍ଛତା ସଚେତନତା ରଥର ଶୁଭାରମ୍ଭ



କେନ୍ଦୁଝର (ପିଏନ୍): କେନ୍ଦୁଝର ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ଲୋକଙ୍କୁ ସଚେତନ କରିବାକୁ ଏକ ସ୍ୱଚ୍ଛତା ସଚେତନତା ରଥ କେନ୍ଦୁଝର ସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଶୁଭାରମ୍ଭ କରାଯାଇଛି। ଜିଲ୍ଲା ଜଳ ଓ ପରିମଳ ମିଶନ ପକ୍ଷରୁ ଏହି ରଥ ପ୍ରଥମ ପର୍ଯ୍ୟାୟରେ ଶିରିଶପାଳ, ମଣ୍ଡୁଆ, କାଠବାରୀ, ରଘୁନାଥପୁର, ପର୍ଜନପୁର, ରାଇସୁଆଁ ଆଦି ପଞ୍ଚାୟତର ଗାଁ ଗାଁ ବୁଲି ଜଳାଶୟ, ଭୂଜଳ ଉତ୍ସ ଏବଂ ପରିବେଶର ପ୍ରଦୂଷଣ କିପରି ରୋକାଯିବ, ପ୍ରାକୃତିକ ସମ୍ପଦର ସୁରକ୍ଷା, ସଂକ୍ରାମକ ରୋଗ କିପରି ନ ବ୍ୟାପିବ ଏବଂ ବର୍ଜ୍ୟ ଜଳର ଅନୁପଯୁକ୍ତ ପରିଚାଳନାର ପ୍ରଭାବ ଉପରେ ଲୋକଙ୍କୁ ସଚେତନା ସୃଷ୍ଟି କରିବ ବୋଲି ସଦର ବିଡିଓ ଶରତ ଚନ୍ଦ୍ର ବାରିକ ସୂଚନା ଦେଇଥିଲେ। ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ପତକା ହଲାଇ ସଚେତନତା ରଥ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଲତିକା ଦେହୁରୀ,ଉପାଧ୍ୟକ୍ଷ ବିଶ୍ୱନାଥ ବାରିକ, ଏପିଡି ଜୟଶ୍ରୀ ବେଉରା, ସଦର ବ୍ଲକ ସହକାରୀ ଯନ୍ତ୍ରୀ ଇଂ କ୍ଷିରୋଦ ନାୟକ, ଜିଲ୍ଲା ସ୍ୱାସ୍ଥ୍ୟ ପରାମର୍ଶଦାତା ଲିଙ୍ଗରାଜ ଦାସ, ସଂଜୟ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ। ସଦର ବ୍ଲକର ପ୍ରତି ପଞ୍ଚାୟତରେ ସଚେତନତା ସୃଷ୍ଟି ପାଇଁ ଏହି ରଥ ପରିକ୍ରମା କରିବ।

## କେନ୍ଦ୍ରାପଡା ଜିଲ୍ଲାରେ ୮ କରୋନା ପଜିଟିଭ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ଗତ ଶୁକ୍ରବାର ୮ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ କେନ୍ଦ୍ରାପଡା ବ୍ଲକରେ ୪ଜଣ କରୋନା ପଜିଟିଭ କେଶ ବାହାରିଥିବା ବେଳେ ମହାକାଳପଡା ବ୍ଲକରେ ଜଣେ, ପଟ୍ଟାମୁଣ୍ଡାଇ ବ୍ଲକରେ ଜଣେ ଓ ରାଜକନିକା ବ୍ଲକରେ ୨ ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# କେନ୍ଦ୍ରାପଡାରେ ବିଜୁ ପରିବାରର ସଦସ୍ୟମାନଙ୍କ ମହାମିଳନ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡ଼ା ସହର ନିକଟସ୍ଥ ଜଜାଙ୍ଗ ଠାରେ ବିଜୁବାବୁଙ୍କର ଘନିଷ୍ଠ ସହଯୋଗୀ ଅଜୟ ଦାଶଙ୍କ ଆବର୍ତମାନରେ ଅନୁଷ୍ଠିତ ଏକ ଶୋକ ସଭାରେ ଯୋଗ ଦେଇ ବିଜୁବାବୁଙ୍କ କର୍ମସ୍ଥଳୀ କେନ୍ଦ୍ରାପଡା ଲୋକସଭା ନିର୍ବାଚନ ମଣ୍ଡଳୀର ବହୁ ପ୍ରମୁଖ ନେତୃବୃନ୍ଦ ଅଜୟ ଦାଶଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସ୍ମୃତି ସଭାରେ ନିଜର



ବକ୍ତବ୍ୟ ପ୍ରଦାନ କରି ବିଜୁବାବୁଙ୍କ ସହ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଥିବା ଓ ତାଙ୍କର ରାଜନୈତିକ ଜୀବନରେ ତାଙ୍କୁ ବ୍ୟାପକ ସମର୍ଥନ କରିଥିବା ବିଜୁବାବୁଙ୍କ ରାଜନୈତିକ ପରିବାରର ସଦସ୍ୟମାନେ ବର୍ତ୍ତମାନ ବିଜୁ ଜନତା ଦଳ ଶାସନରେ ଯେପରି ଭାବେ ଅବହେଳିତ ହେଉଛନ୍ତି ସେ ସଂପର୍କରେ ବ୍ୟାପକ ଆଲୋଚନା କରିଥିଲେ । ସଭାର ଆଲୋଚନକୁ ଉପରିସ୍ଥ ବିଜୁ ପରିବାରର ବହୁ ସଦସ୍ୟ ସମର୍ଥନ କରିଥିଲେ । ଏହି ସଭାରେ ବିଜୁ ପରିବାରର ପୁରାତନ ସଦସ୍ୟ ତଥା ଶିକ୍ଷକ ନେତା ଭଜକୃଷ୍ଣ ରାଉତ ଅଧକ୍ଷତା କରିଥିଲେ । ପୂର୍ବତନ ବିଧାୟକ ସିପ୍ରା ମଲ୍ଲିକ, କିଶୋର ଚନ୍ଦ୍ର ତରାଇ, ପୂର୍ବତନ ନଗରପାଳ ବିଜୟକୃଷ୍ଣ ସାହୁ, କପାଳେଶ୍ୱର ସରପଂଚ ପ୍ରମୁଖ ବହୁ ବିଜୁ ପରିବାରର ସଦସ୍ୟମାନେ ବର୍ତ୍ତମାନର ଶାସନରେ ବିଜୁ ପରିବାରର ସମର୍ଥକ ଓ ସଦସ୍ୟମାନେ ଯେପରି ଭାବେ ଅବହେଳିତ ହେଉଛନ୍ତି ସେ ସଂପର୍କରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଜିଲ୍ଲାର ସର୍ବାଙ୍ଗିନ ଉନ୍ନତି ନିମନ୍ତେ ଆଗାମୀ ଦିନରେ ଏକ ସମ୍ମିଳନୀ କରାଯିବା ନିମନ୍ତେ ଉଦ୍ୟମ କରାଯିବ ବୋଲି କହିଛନ୍ତି ।

# ଯାଜପୁର ଇସ୍କନ ମନ୍ଦିର ଆନୁକୂଲ୍ୟରେ ନଗର ଭ୍ରମଣ



ଯାଜପୁର: ଯାଜପୁର ସହରସ୍ଥିତ ଲାଖବିନ୍ଧା ସ୍ଥିତ ଇସ୍କନ ମନ୍ଦିର ଆନୁକୂଲ୍ୟରେ ଶ୍ରୀ ଗୁରୁ ପ୍ରଭୁପାଦ ଭାରତ ଓ ଆମେରିକା ଯାତ୍ରା କରିଥିବା ଉପଲକ୍ଷେ ଆମେରିକା ବାସୀଙ୍କୁ ଗୀତାଭାଗତ ଅମୃତବାଣୀ ମାଧ୍ୟମରେ ଆମେରିକା ବାସୀଙ୍କୁ ଆଧ୍ୟାତ୍ମିକ ମାଧ୍ୟମରେ ସେମାନଙ୍କ ମନ ପରିବର୍ତ୍ତନ କରିବା ପାଇଁ ଆଜିର ଦିନରେ ଭାରତରୁ ଆମେରିକା ଯାତ୍ରା ଆରମ୍ଭ କରିଥିଲେ । ଏଣୁ ଉକ୍ତ ସ୍ମରଣୀୟ ଦିବସକୁ ମନେରଖିବା ପାଇଁ ଆଜି ବିଶ୍ୱର କୋଣେ ଅନୁକୋଣରେ ନଗର କୀର୍ତ୍ତନ ଭ୍ରମଣକରି ପ୍ରଭୂପାଦ ମହିମା କୀର୍ତ୍ତନ କରାଯାଉଅଛି । ନଗର କୀର୍ତ୍ତନ କୋଭିଡ୍ କଟକଣା ଅନୁଯାୟୀ ବହୁଭକ୍ତ ନରନାରୀ କୀର୍ତ୍ତନରେ ଯୋଗଦେଇ ହରିବୋଲ ହୁଳହୁଳି, ଶଙ୍ଖ ଧ୍ୱନୀ, ମୁର୍ଦ୍ଦଙ୍ଗ କରତାଳିରେ ସହର ପ୍ରକମ୍ପିତ କରିଥିଲା । ଉକ୍ତ ନଗର କୀର୍ତ୍ତନ ଲାଖବିନ୍ଧା ମନ୍ଦିର ଠାରୁ ବାହାରି ବିରଜା ମନ୍ଦିର, ଅଠରନଳା, ଗରିଆପୁର, ବଡବଜାର, ହାବେଳି ବଜାର ଦେଇ ବରାହ ମନ୍ଦିରରେ ପହଞ୍ଚିଥିଲା । ବାଟରେ ଗଲା ସମୟରେ ଜ୍ଞାନରଞ୍ଜନ ସାହୁ, ଧରଣୀଧର ସାହୁ, ସାମଲ ବାବୁ ପ୍ରଭୃତି ଭକ୍ତ ଓ କୀର୍ତ୍ତନ ମଣ୍ଡଳୀ ଶ୍ରଦ୍ଧାଳୁମାନଙ୍କୁ ଦହିପଣା, ପାନୀୟ ଜଳ ବଣ୍ଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ମନ୍ଦିରର ପରିଚାଳନା ହରିଭୂଷଣ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯଥା ସମୟରେ ପାଳିତ କରାଯାଇଥିଲା । ଉକ୍ତ ଦିବସରେ ଭକ୍ତମାନେ ଦଶାଶ୍ୱମେଧ ଘାଟରେ ସ୍ନାନ ଓ ତର୍ପଣ କରିବା ସତ୍ୱେ ପ୍ରଭୁପାଦ ଫଟୋକୁ ସ୍ନାନ କରାଇ ପୂଜା ପାଠ, ବେଦପାଠ କରିଥିଲେ । ଭକ୍ତମାନେ ସୂର୍ଯ୍ୟନାରାୟଣ ମନ୍ଦିରରେ ପ୍ରସାଦ ସେବନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ମନ୍ଦିରର ପରିଚାଳନା କମିଟିର କର୍ତ୍ତମକର୍ତ୍ତା ତଥା ସଭ୍ୟ ଓ ସଭ୍ୟାମାନେ ତଥା ପାଣ୍ଡବ ଚରଣ ସାହୁ, ବିଶ୍ୱମୋହନ ପତି, ଭରତ ଚନ୍ଦ୍ର ସାହୁ, ସୁବୋଧ ଜେନ, ଆନନ୍ଦ ଚନ୍ଦ୍ର ବେହେରା, ଅଜୟ ଦାସ, ଜୟଦେବ ଦାସ, ଶ୍ରୀଧର ଦାସ, ବିଜୟ ନାୟକ, ଜନାର୍ଦ୍ଦନ ନାୟକ, ଜାନକୀ ବେହେରା, ହରପ୍ରୀୟା ବେହେରା, ବିଷ୍ଣୁପ୍ରୀୟା, ଝରଣା ଦେହୁରି, ଉର୍ମିଳା ଧଳ, ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

ଭୁବନେଶ୍ୱର, (ପିଏନ)-ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଭଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟୀତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧ୍ୟରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି । ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ । ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ ।ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।

ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

## ପାଂଚ ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନ ଚଳୁଛନ୍ତି କାଂଚନ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମହେଶ୍ୱରପୁର ଗାଁର କାଂଚନ ଖରା । ସ୍ୱାମୀ ଗୁପ୍ତ ଖରାଙ୍କ ବିୟୋଗ ପରେ ୫ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି କାଂଚନ । ୬ପ୍ରାଣୀଙ୍କ ପେଟକୁ ଦାନା ଯୋଗାଇବା କଷ୍ଟ କର ହୋଇପଡୁଛି । ଅସୁବିଧାରେ ଚଳୁଥିଲେ ସୁଦ୍ଧା ସରକାରୀ ସହାୟତାରୁ ବଂଚିତ ହୋଇଛନ୍ତି ସେମାନେ । ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡେ ନାହିଁ । ପାଲଟଣା ଘରେ ୬ଜଣ ଚଳିବା କଷ୍ଟ ସାଧ୍ୟ । ସ୍ୱାମୀଙ୍କ ମୃତ୍ୟୁପରେ ପିଲାଙ୍କୁ ମଣିଷ କରିବା ଲାଗବହୁ ସ୍ୱପ୍ନ ଦେଖିଛନ୍ତି କାଂଚନ । ମୂଲ ମଜୁରୀ କରି ଯାହା ରୋଜଗାର କରନ୍ତି ସେତିକିରେ ପରିବାର ଚଳୁଛି । ୬ଜଣଙ୍କ ଲାଗି ଦାନା ଯୋଗାଡ କରିବା କେତେ ଯେ କଷ୍ଟ ତାହା ଭଗବାନ ଜାଣନ୍ତି । ଗରିବ ଲୋକଙ୍କ ଲାଗି ସରକାର ବିଭିନ୍ନ ଯୋଜନାମାନ ଘୋଷଣା କରିଥିଲେ ସୁଦ୍ଧା କାଂଚନଙ୍କୁ କୌଣସି ସୁବିଧା ମିଳୁନାହିଁ । ପଲିଥିନ ତଳେ ବିତୁଛି ଜୀବନ । କେତେବେଳେ ଯେ ଘର ଭାଙ୍ଗିଯିବ ତାର କିଛି ଭରସା ନାହିଁ । ସବୁବେଳେ ରହୁଛି ସାପର ଭୟ । ଆଜି ସୁଦ୍ଧା କାଂଚନଙ୍କୁ ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ମିଳି ନାହିଁ କି ରାସନକାର୍ଡ ଏବଂ ବିଧବା ଭତ୍ତାରୁ ମଧ୍ୟ ବଂଚିତ ହୋଇଛନ୍ତି । କୌଣସି ଗୋଟିଏ ବି ସରକାରୀ ସହାୟତା ତାଙ୍କୁ ମିଳିନାହିଁ । ଏନେଇ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଗୁହାରୀ କରିଥିଲେ ସୁଦ୍ଧା ଫଳାଫଳ ମିଳିନଥିବା କାଂଚନ ଅଭିଯୋଗ କରିଛନ୍ତି ।

# ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)-ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍ଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି । ଇଂଟରନେଟ୍ ବେଗ ୧୦୦ ଏମ୍ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ । ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତ୍ତନ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତି ନିଆଯାଇଛି ।

ବିଧାନସୌଧରେ ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍ଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍ଏନ୍ଏଲ୍ ଦ୍ୱାରା ନିୟୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ । ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି । ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ । ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ ।

ଓଡ଼ିଶା ନଲେଜ୍ କର୍ପୋରେସନ୍(ଓକେସିଏଲ୍) ସମସ୍ତ ପ୍ରକାର ବୈଷୟିକ କମ୍ପ୍ୟୁଟରୀକୃତ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରୁଛି ବୋଲି ଓକାକ୍ ର ସାଧାରଣ ପରିଚାଳକ ସୂଚନା ଦେଇଥିଲେ ତେଣୁ ବିଧାୟକମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ବିଧାନସଭା କର୍ମଚାରୀମାନଙ୍କୁ ଓସ୍ୱାସ୍ ତାଲିମ ପ୍ରଦାନ କରିବା ପାଇଁ ଓକେସିଏଲ୍ କୁ ନିୟୋଜିତ କରାଯାଇପରିବ ।

ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଓକାକ୍ର ସାଧାରଣ ପରିଚାଳକ (ପ୍ରଶାସନ), ଏନ୍ଆଇସିର ବୈଷୟିକ ନିର୍ଦ୍ଦେଶକ, ବିଏସ୍ଏନ୍ଏଲ୍ର ଉପଖଣ୍ଡ ଯନ୍ତ୍ରୀ ଏବଂ ପ୍ରିଂଟଲିଙ୍କର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

# ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି, ସକ୍ରିୟ ମାମଲା ୪୭୩

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାରେ ଆଜି ଆଉ ୨୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୦୨୪ କୁ ବୃଦ୍ଧି ପାଇଛି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତି କରାଯାଇଛି ।

ସେହିପରି ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ମାଲକାନଗିରି ପୌରାଂଚଳରୁ ୫ ଜଣ, ମାଲକାନଗିରି ବ୍ଲକରୁ ୭, ମାଥିଲି ବ୍ଲକରୁ ୩ ଜଣ, ଖଇରପୁଟ ବ୍ଲକରୁ ୪ ଜଣ, ଚିତ୍ରକୋଣ୍ଡା ବ୍ଲକରୁ ୪ ଜଣ, ପଡ଼ିଆ ବ୍ଲକରୁ ୨ ଜଣ, ଏବଂ କାଲିମେଳା ବ୍ଲକରୁ ୩ ଜଣ ରହିଛନ୍ତି । ତନ୍ମଧ୍ୟରେ ଦୁଇ ଜଣ କରୋନା ଯୋଦ୍ଧା ରହିଛନ୍ତି ।

ଆଜି ଚିହ୍ନଟ ୨୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୧ ଜଣ ବିଭିନ୍ନ କ୍ଲିନିକରୁ ରେଫର୍ ହୋଇ ଚିକିତ୍ସା ନିମନ୍ତେ ମେଡିକାଲକୁ ଆସି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ୧୪ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ୩ ଜଣ ସଂକ୍ରମିତ ହୋଇଛନ୍ତି ।

ଅଦ୍ୟାବଧି ଜିଲ୍ଲାରେ ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି । କରୋନାଜନିତ ସକ୍ରିୟ ମାମଲା ୪୭୩ ରହିଛି । ସେହିପରି ବର୍ତମାନ ସୁଦ୍ଧା ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୨ ରହିଛି ।

## ଗୋବିନ୍ଦ ଗୋଧାମ ଗୋଶାଳା ପରିଦର୍ଶନ କଲେ ସିଡିଭିଓ

ପୁରୀ, (ପିଏନ)- କିଛି ଦିନ ତଳେ ଗୋରୁ ଚାଲାଣକୁ ଅଟକାଇ ଗାଇଗୁଡିକ ଜବତ କରି ପୁରୀ ସଦର ଥାନା ପୁଲିସ ଗୋବିନ୍ଦ ଗୋଧାମ ଗୋଶାଳାକୁ ପଠାଇଥିଲେ । ଆଜି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ (ସିଡିଭିଓ) ଡା. ପ୍ରସନ୍ନ କୁମାର ପୃଷ୍ଟି , ଭେଟେନାରୀ ଡେପୁଟି ଡାଇରେକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ପରିଦର୍ଶନରେ ଯାଇ ଗାଇଗୁଡିଙ୍କ ସ୍ୱାସ୍ଥ୍ୟବସ୍ଥା ପରକ୍ଷା କରିଥିଲେ । ଗାଇମାନଙ୍କ ରହିବା ସ୍ଥାନ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଗୋଖାଦ୍ୟ ରଖିବା ସ୍ଥାନ, ପାଣିର ସୁବ୍ୟବସ୍ଥା ଓ ବିଦ୍ୟୁତ୍ ସ୍ଥିତି ନେଇ ଯାଂଚ୍ କରିଥିଲେ ।

ଏହି ଯାଂଚ୍ ସମୟରେ ଗୋଶାଳାର ପ୍ରତିଷ୍ଠାତା ତଥା ସଂପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ମ୍ୟାନେଜର ଦିଲ୍ଲୀପ କୁମାର ମହାନ୍ତି, ହରପ୍ରସାଦ ମହାପାତ୍ର, କୈଳାସଚନ୍ଦ୍ର ପଣ୍ଡା, ମନୋଜ କୁମାର ପଣ୍ଡା, ବିକାଶ ହୋତା, ସର୍ବେଶ୍ୱର ପଣ୍ଡା, ପୁରୁଷୋତମ ପଣ୍ଡା, ଗଣେଶ୍ୱର ପଣ୍ଡା, ପିତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ ।

ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।

ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍ଏସ୍ଏମ୍ଇ ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତରେ ଆବାସ ଓ ପାଇଖାନା ନାମରେ କୋଟି କୋଟି ଟଙ୍କା ହରିଲୁଟ୍ ଅଭିଯୋଗ

ହରିଚନ୍ଦନପୁର,(ପିଏନ)-କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଘଷଣାଟାଙ୍ଗର ଗ୍ରାମରେ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ପାଇଖାନା ଯୋଜନାରେ ଅନ୍ତର୍ଭୁକ୍ତ ଏକାଧିକ ହିତାଧିକାରୀଙ୍କ ଟଙ୍କା ହରିଲୁଟ୍ ହୋଇଛି । ପିଠାଗୋଳା ପଂଚାୟତରେ ଜିଆରଏସ ଭଳି ଘଷଣାଟାଙ୍ଗର ଗ୍ରାମରେ ସମିତି ସଭ୍ୟ ତ୍ରିଲୋଚନ ମହାନ୍ତ ଅନେକ ହିତାଧିକାରୀଙ୍କ ଗୃହ ନିର୍ମାଣ ଦାୟିତ୍ୱ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଅଧପାନ୍ତରିଆ ଅବସ୍ଥାରେ ଛାଡିଦେଇ ସମ୍ପୂର୍ଣ୍ଣ ଟଙ୍କା ଉଠାଇନେଇ ନିଜର ସମ୍ପତି ବଢାଇ ମାଲେମାଲ ହୋଇଥିବା ଅଭିଯୋଗ ହୋଇଛି । ସରକାରଙ୍କ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ କୁସୁମୀ ମୁଣ୍ଡା, ଜିତେନ ମୁଣ୍ଡା, ବିକ୍ରମ ମୁଣ୍ଡା, ଭାସ୍କର ମୁଣ୍ଡା, ରୁକ୍ମଣୀ ମୁଣ୍ଡା ନରସିଂ ମୁଣ୍ଡାଙ୍କ ଘର ଗୁଡିକର ନିର୍ମାଣ କାର୍ଯ୍ୟ ଆଜକୁ ଦୀର୍ଘ ଦିନ ହେବ ସଭ୍ୟ ତ୍ରିଲୋଚନ ଆରମ୍ଭ କରିଥିଲେ । ହେଲେ ଆଜକୁ ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ସେହି ଘର ଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ସମସ୍ତ ଟଙ୍କା ଉଠାଇ ନେଇଥିବା ଯୋଗ୍ୟ ହିତାଧିକାରୀ ଅଭିଯୋଗ କରିଛନ୍ତି । ଘର ଗୁଡିକ ସମ୍ପୂର୍ଣ୍ଣ ହୋଇନଥିବା ନେଇ ଗରିବ ହିତାଧିକାରୀ ସରକାରୀ ଅନୁଦାନରେ ନିର୍ମିତ ନୂଆ ଘରକୁ ଚାହିଁ ଚାହିଁ ଭଙ୍ଗା ଓ ପର ଘରେ ଦୁର୍ଦ୍ଦିନରେ ଜୀବନ ବିତାଇବାକୁ ବାଧ ହେଉଛନ୍ତି । ସେହି ଭଳି ଗ୍ରାମରେ ସ୍ୱଚ୍ଛ ଭାରତ ଯୋଜନାରେ ୧୨ହଜାର ଟଙ୍କାର ପାଇଖାନା ପାଇଥିବା ଶତାଧିକ ହିତାଧିକାରୀଙ୍କ ପାଇଖାନା ଗୁଡିକ ଅଧନିର୍ମିତ ଅବସ୍ଥାରେ ଛାଡ଼ି ଅବଶିଷ୍ଟାଂଶ ଟଙ୍କାକୁ ହରିଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି । ସାଧାରଣତଃ ଅଧିକାଂଶ ପାଇଖାନାର କବାଟ ଲାଗିନଥିବା ସହ ଟାଙ୍କି ନିର୍ମାଣ କରାଯାଇନାହିଁ । ସେହି ଭଳି ଅନେକ ପାଇଖାନା ଗୁଡିକ ଭାଙ୍ଗିବାକୁ ବସିଥିବା ବେଳେ ସେଗୁଡିକ ବର୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନାହିଁ । ଯାହାକୁ ନେଇ ହିତାଧିକାରୀମାନେ ମଳତ୍ୟାଗ ପାଇଁ ପୂର୍ବ ଭଳି ଖୋଲା ସ୍ଥାନ ବା ଜଙ୍ଗଲ ଉପରେ ନିର୍ଭର କରୁଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ଯୋଜନାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଧସମ୍ପୂର୍ଣ୍ଣ ଘର ଓ ପାଇଖାନା ଗୁଡିକ ସମ୍ପୂର୍ଣ୍ଣ କରିବାକୁ ଜନସାଧାରଣରେ ଦାବି ହୋଇଛି ।

# ବିଶ୍ୱବିଦ୍ୟାଳୟ ଆଇନ ପ୍ରତ୍ୟାହାର ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ରାଜ୍ୟପାଳଙ୍କୁ ଦାବୀପତ୍ର

ଭୁବନେଶ୍ୱର, (ପିଏନ)- ରାଜ୍ୟର ବହୁ କୁଳପତି, ପ୍ରଫେସର, ଅଧ୍ୟାପକ, ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀମାନଙ୍କ ପ୍ରତିବାଦକୁ ଏବଂ ମତାମତକୁ ସଂପୂର୍ଣ୍ଣ ଭୃକ୍ଷେପ କରି ଏବଂ ସମସ୍ତ ପ୍ରକାର ଗଣତାନ୍ତ୍ରିକ ରୀତିନୀତିକୁ ସୁକୌଶଳରେ ବଳି ପକାଇ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୦କୁ ରାଜ୍ୟ ସରକାର ବିଧାନସଭାରେ ପାରିତ କରିଛନ୍ତି । ଏହି ଅଗଣତାନ୍ତ୍ରିକ, ଛାତ୍ର ଅଧ୍ୟାପକ କର୍ମଚାରୀ ତଥା ଶିକ୍ଷା ବିରୋଧି ପଦକ୍ଷେପକୁ ଏ.ଆଇ.ଡି.ଏସ୍.ଓ ତରଫରୁ ଦୃଢ ବିରୋଧ କରାଯାଇ ଆଜି ରାଜଭବନ ସମ୍ମୁଖରେ ଏକ ବିକ୍ଷୋଭ ସଂଗଠିତ ହୋଇଥିଲା । ବିକ୍ଷୋଭ ସ୍ଥଳରୁ ରାଜ୍ୟପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇ ଏହାକୁ ତୁରନ୍ତ ରଦ୍ଦ କରିବା ସହ ପୁନଃ ସରକାରଙ୍କୁ ଫେରାଇ ଦେବାକୁ ଦାବୀ କରାଯାଇଛି ।

ସୂଚନାଯୋଗ୍ୟ ଯେ, ସିନେଟ୍ ଉଚ୍ଛେଦ, ଅଧ୍ୟାପକ ନିଯୁକ୍ତି ବିଶ୍ୱବିଦ୍ୟାଳୟ ହାତରୁ କାଢିନେଇ ଓ.ପି.ଏସ୍.ସି କୁ ପ୍ରଦାନ, କୁଳପତି ଚୟନରେ ସିଣ୍ଡିକେଟ ବଦଳରେ ସରକାରୀ ପ୍ରତିନିଧି ସ୍ଥାନ ପାଇବା, ସିଣ୍ଡିକେଟର କ୍ଷମତାକୁ ସଙ୍କୁଚିତ କରି ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଏହାର ସଭ୍ୟ କରିବା, ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାରେ ସରକାରୀ ନିୟନ୍ତ୍ରଣ ପ୍ରତିଷ୍ଠା କରିବା, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ୍କୁ ବାତିଲ କରିବା ଭଳି ବହୁ ମାରାତ୍ମକ ସୁପାରିଶ ରାଜ୍ୟର ଉଚ୍ଚ ଶିକ୍ଷାର ସମାଧି ରଚନା କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଅନ୍ୟପଟରେ ରାଜ୍ୟ ସରକାର ସମସ୍ତ ମତାମତକୁ ଉପେକ୍ଷା କରି କରୋନା ସମୟରେ ବିଧାନସଭାରେ ଯେଭଳି ଭାବେ ଏହି ବିଲକୁ ପାରିତ କଲେ ତାହା ରାଜ୍ୟରେ ଏକ କଳା ଇତିହାସ ସୃଷ୍ଟି କରିଛନ୍ତି । ସଂଖ୍ୟାଗରିଷ୍ଠତା ବଳରେ ରାଜ୍ୟର ଜନଗଣ ପ୍ରତି ଛୁରିକାଘାତ କରିଛନ୍ତି । ଏହି ଫାସୀବାଦୀ ପଦକ୍ଷେପ ବିରୁଦ୍ଧରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦୁଇ ଦିନ ଧରି ରାଜ୍ୟବ୍ୟାପୀ ବହୁ ପ୍ରତିବାଦ ବିକ୍ଷୋଭ, ବିଲ ପୋଡି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି ଏବଂ ଆଜି ରାଜଭବନ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ଏ.ଆଇ.ଡି.ଏସ୍.ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସଂପାଦକ ସୁବାସ ନାୟକ, ଉପସଭାପତି ସିର୍ଦ୍ଧାତ ରଥ, ଜୟନ୍ତ ମହାନ୍ତି, ସଂପାଦକ ମଣ୍ଡଳୀ ସଦସ୍ୟ ନସିମ ସରକାର, ଭାଗ୍ୟରବୀ ଦାସ, ସ୍ୱସ୍ତି ସଙ୍ଗିତା ଦଳାଇ, ବିନୋଦ ସେଠୀ, ତରୁଣସେନ ନାୟକ ପ୍ରମୁଖ ଛାତ୍ରନେତାମାନଙ୍କ ବିକ୍ଷୋଭରେ ସାମିଲ ହୋଇଥିଲେ । ଏହା ବିରୁଦ୍ଧରେ ରାଜ୍ୟର ଛାତ୍ର ସମାଜ, ବୁଦ୍ଧିଜୀବୀ, ସଚେତନ ନାଗରିକ ଏକଜୁଟ ହୋଇ ଆନ୍ଦୋଳନକୁ ଜୋରଦାର କରିବାକୁ ବିକ୍ଷୋଭ ସ୍ଥଳରୁ ଛାତ୍ରନେତାମାନେ ନିବେଦନ କରିଥିଲେ ।

## ୩୪୩ ଲିଟର ଦେଶୀମଦ ଜବତ, ଅଭିଯୁକ୍ତ ଚିଲିକା ଭିତରେ ଫେରାର

ପୁରୀ, (ପିଏନ)- ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ବ୍ରାହ୍ମଣଦେଓ କୁମାରପୁର ରିଙ୍ଗରୋଡରେ ଗୋଟିଏ ମାରୁତି ଓମିନି କାର୍ ନଂ ଏପି ୩୧ ଏଲ ୫୩୮୭ କୁ ଜବତ କରିବା ସମୟରେ ସେଥିରେ ଥିବା ମଦ ବ୍ୟବସାୟୀ ଚିଲିକା ଭିତର ଦେଇ ଖସି ଯାଇଥିଲେ । ସେହି ଗାଡିରୁ ୧୪ଟି ଜରି ଅଖାରେ ୩୪୩ ଲିଟର ଦେଶୀମଦ ଥିବା ଜଣାପଡିଥିଲା । ଏହାକୁ ପୁଲିସ୍ ଜବତ କରିଛି । ଏ ସମ୍ପର୍କରେ କୃଷ୍ଣପ୍ରସାଦ ଥାନାରେ ୧୫୪/ ୨୦ରେ ମାମଲା ରୁଜୁ ହୋଇଛି ।

## ବହୁ ଚର୍ଚ୍ଚିତ ଝାରପୋଖରିଆ ବ୍ୟାଙ୍କ ଫ୍ରଡ୍ ମାମଲା

# ୫ ଅଭିଯୁକ୍ତଙ୍କୁ ୧୪ ବର୍ଷ ଲେଖାଏଁ ଜେଲ୍ ଦଣ୍ଡ, ୨୭ ଲକ୍ଷ ଟଙ୍କା ଜୋରିମାନା

ବାରିପଦା,(ପିଏନ)- ବହୁ ଚର୍ଚ୍ଚିତ ଝାରପୋଖରିଆ ବ୍ୟାଙ୍କ ଫ୍ରଡ୍ ମାମଲାର ବିଚାର କରି ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ବିକାଶ ଚନ୍ଦ୍ର ଦେ ତାଙ୍କ ରାୟରେ ୫ ଅଭିଯୁକ୍ତଙ୍କୁ ୧୪ ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ଓ ୨୭ ଲକ୍ଷ ଟଙ୍କା ଲେଖାଏଁ ଜୋରିମାନାରେ ଦଣ୍ଡିତ କରିଛନ୍ତି । ୨୦୧୨-୧୩ ଆର୍ଥିକ ବର୍ଷରେ ଝାରପୋଖରିଆ ସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଓଡ଼ିଶା ସରକାରଙ୍କ ଜଳନିଧି ଯୋଜନାରେ ଚାଷୀଙ୍କୁ ପାଣି ପମ୍ପ ଯୋଗାଇ ଦିଆଯାଇଥିଲା । ଏହି ସମୟରେ ୩୧ ଜଣ ଚାଷୀଙ୍କ ନାମରେ ଜାଲ୍ କାଗଜପତ୍ର କରି ୧ କୋଟି ୩୧ ଲକ୍ଷ ଟଙ୍କାର ଜାଲିଆତି କରାଯାଇଥିବାର ବ୍ୟାଙ୍କ ମ୍ୟାନେଜର ଗିରିଜା ଚକ୍ରବର୍ତି ଥାନାରେ ଅଭିଯୋଗ କରିଥିଲେ । ଏହି ଋଣ ଜାଲିଆତି କୋଟିଏ ଟଙ୍କାରୁ ଅଧିକ ହୋଇଥିବାରୁ ମାମଲାକୁ କ୍ରାଇବବ୍ରାଂଚର ଅର୍ଥନୈତିକ ଅପରାଧିକ ଶାଖା (ଇଓଡବ୍ଲ୍ୟୁ) ତଦନ୍ତ କରିଥିଲେ । ତଦନ୍ତ ପରେ ଅଭିଯୁକ୍ତଙ୍କ ନାମରେ ଇଓଡବ୍ଲ୍ୟୁ ଚାର୍ଜସିଟ୍ ଦାଖଲ କରିଥିଲେ । ଆଜି ଉକ୍ତ ମାମଲାରେ ୩୧ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଦାଲତ ତତ୍କାଳୀନ ବ୍ୟାଙ୍କ ମ୍ୟାନେଜର ଗିରିଜାଶଙ୍କର ମିଶ୍ର, ଫିଲ୍ଡ ଅଫିସର ସତ୍ୟରୂପା ମହାନ୍ତି, ପାଣିପମ୍ପ ସପ୍ଲାୟର ବଙ୍ଗାଳି ଜେନା, ତାଙ୍କ ପୁଅ ସୁଶାନ୍ତ ଜେନା ଏବଂ ପାଣି ପମ୍ପ କମ୍ପାନୀର ଏଜେଂଟ ସତ୍ୟାନନ୍ଦ ପାତ୍ରଙ୍କୁ ଆଇପିସିର ଧାରା ୧୬୭/ ୪୬୭/ ୪୬୮/୪୭୧/୪୦୬/ ୪୦୯/୪୨୦ ଓ ୧୨୦ ରେ ଦୋଷୀ ସାବ୍ୟସ୍ତ କରିବା ସହ ୧୪ ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ସହ ୨୭ ଲକ୍ଷ ଲେଖାଏଁ ଜୋରିମାନାରେ ଦଣ୍ଡିତ କରିଛନ୍ତି । ସମସ୍ତ ୫ ଅଭିଯୁକ୍ତଙ୍କୁ ଆଜି ଗିରଫ ପରେ କୋର୍ଟଚାଲାଣ କରାଯାଇଛି ।




ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Friday September 24, 2021 ଭୁବନେଶ୍ୱର ଶୁକ୍ରବାର, ସେପ୍ଟେମ୍ବର ୨୪,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଜରାଜୀର୍ଣ୍ଣ ଅବସ୍ଥାରେ ଚଣ୍ଡିଖୋଲ ଛକ ହାଉସିଂ ବୋର୍ଡ ଗୃହ

ଚଣ୍ଡିଖୋଲ:ଚଣ୍ଡିଖୋଲ ଛକ ୧୬ନଂ ଜାତୀୟ ରାଜପଥ ଓ ୫୩ନଂ ଜାତୀୟ ରାଜପଥର କେନ୍ଦ୍ରସ୍ଥଳ। ଉକ୍ତ ରାସ୍ତାରେ ବହୁ ସଂଖ୍ୟାରେ ଭାରୀଯାନ, ବସ, ଚାରିଚକିଆ ଯାନ ଯାତାୟତ କରୁଥାନ୍ତି। ଚଣ୍ଡିଖୋଲ ଛକରେ ବ୍ୟବସାୟୀ ମାନଙ୍କର ବ୍ୟବସାୟ ସୁରକ୍ଷା ପାଇଁ ତତକାଳିନ ବିଧାୟକ ସୀତାକାନ୍ତ ମହାପାତ୍ରଙ୍କ ଅନୁରୋଧରେ ୧୯୮୫ ମସିହାର ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏଠାରେ ଥିବା ସରକାରୀ ଜମି ଉପରେ ହାଉସିଂ ବୋର୍ଡ ଗୃହ ନିର୍ମାଣ କରି ବ୍ୟବସାୟୀ ମାନଙ୍କୁ ଯୋଗାଇଦେବାର ବନ୍ଦୋବସ୍ତ କରିଥିଲେ। ଉକ୍ତ ପଡିଆରେ ଚଣ୍ଡିଖୋଲ ଛକ ପକ୍ଷରୁ ରାଧାକୃଷ୍ଣ ଜୀୟୁ ମିଳନ ଉତ୍ସବ କରାଯାଇଥାଏ। ସେଠାରେ ମ୍ଭ ସରକାରୀ ବସ, ବେସରକାରୀ ବସ ଯାତାୟତ କରିବା ପାଇଁ ରାସ୍ତା ନିର୍ମାଣ କରାଯାଇଥିଲା। ଓ.ଏସ.ଆର.ଟି.ସି ପକ୍ଷରୁ ଏକ ବସ ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ଅଧିକନ୍ତୁ ଦେଖିବାକୁ ମିଳେ ୧୯୯୦ ମସିହା ଠାରୁ ଆଜି ପର୍ଯ୍ୟନ୍ତ ବସଟି ସେଇ ବାଟ ଦେଇ ଯାଉ ନାହିଁ। ଉକ୍ତ ନିର୍ମାଣ ଗୃହ ମ୍ଭ ନାହିଁ। ହାସିଂ ବୋର୍ଡରୁ ଯେଉଁ ଗୃହ ନିର୍ମାଣ କରାଯାଇଥିଲା ଯେଉଁମାନେ ଅର୍ଥ ପରିଶୋଧ କରିଥିଲେ ଗୃହ ମ୍ଭ ସେହିପରି ପଡି ରହିଛି। ହାଉସିଂ ବୋର୍ଡ ଦ୍ୱାରା ନିର୍ମାଣ ଗୃହ କଡରେ ଥିବା ସରକାରୀ ଜମିକୁ କେତେକ ବ୍ୟକ୍ତି ଜବର ଦଖଲ କରି ଛୋଟ କାଟିଆ ଦୋକାନ କରିଛନ୍ତି। ମେଳଣ ପଡିଆ ପାଇଁ ଯେତିକି ଜମି ରହିଥିଲା ସେ ଜମିକୁ ପ୍ରଭାବଶାଳି ଲୋକମାନେ ଗୃହ ନିର୍ମାଣ କରି ନିଜର ରୋଜଗାର କରିଚାଲିଛନ୍ତି ସେଠାରେ ଥିବା ରାସ୍ତା କହିଲେ ନସରେ। ବାହାରୁ କେତେକ ଲୋକ ସେଠାକୁ ଆସି ଆହାର କେନ୍ଦ୍ର ପଛ ପଟରେ ଛପର କରି ରହୁଁଛନ୍ତି। ସେହିବାଟ ଦେଇ ଯାଉଥିବା ଯେଉଁ ବାଇକ, ଚାରିଚକିଆ ଯାନ ସେଠାରେ ଦୁର୍ଘଟଣା ଘଟିବାର ସମ୍ଭାବନା ରହୁଛି ଏବଂ ଦୁର୍ଘଟଣା ମ୍ଭ କେହି ନା କେହି ମୃତ୍ୟୁ ମୁଖରେ ପଡିଛନ୍ତି। ସରକାର ନିୟମ ଗୋଟିଏ ଥିଲା ବେଳେ ଏଠାରେ ନିୟମ ବେନିୟମ ହେଉଥିଲା ବେଳେ ସାଧାରଣରେ ଅଭିଯୋଗ ହେଉଛି। ଏସବୁ କଥାକୁ ଜିଲ୍ଲା ପ୍ରଶାସନକୁ ଜଣାଇଲେ ମ୍ଭ ପ୍ରଶାସନର ଦୃଷ୍ଟି ପଡୁନାହିଁ। ଚଣ୍ଡିଖୋଲ ଛକର ସୁରକ୍ଷା ପାଇଁ ଓ ବେନାମି ଦଖଲ କରିଥିବା ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦୃଢ ଦାବୀ ହେଉଛି।

## ଗବେଷଣା ଓ ଶୈକ୍ଷିକ ଉତ୍କର୍ଷତା ପାଇଁ ଆଇ.ସି.ଏ.ଆର୍.-ସିଫା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର :କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର୍-କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ସଂସ୍ଥାନ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ଗବେଷଣା ଓ ଶୈକ୍ଷିକ ଉତ୍କର୍ଷତା ବିନିମୟ ପାଇଁ ଏକ ବୁଝାମଣାପତ୍ର ସିଫାର ନିର୍ଦ୍ଦେଶକ ଡଃ ସରୋଜ କୁମାର ସ୍ୱାଇଁ ଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଂଜୀବ ମିତଲଙ୍କ ମଧ୍ୟରେ ଆଜି ସ୍ୱାକ୍ଷରିତ ହୋଇଯାଇଛି।

## ବ୍ରାଉନ ସୁଗାର ଓ ବିଦେଶୀ ମଦ ଜବତ, ୩ କୋର୍ଟ ଚାଲାଣ



ଖଣ୍ଡପଡା: ଖଣ୍ଡପଡା ପୋଲିସ ସହରାଂଚଳରୁ ୬ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ୨ଜଣ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ଶ୍ରଦ୍ଧା ନାୟକଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ଗଡଭିତର ସାହିର ନବୀନା ପ୍ରଧାନ(୨୩) ଓ ଚିନିକଳ ସାହିର ଅବଦୁଲ ଗଫୁର ଖାନ(୨୯)ଙ୍କୁ ଗିରଫ କରିଥିବା ବେଳେ ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଉର୍ଦ୍ଧ ହେବ ବୋଲି ପୋଲିସ ସୁତ୍ରରୁ ପ୍ରକାଶ । ସେହିପରି ବୁଧବାର ରାତିରେ ଖଣ୍ଡପଡା ବ୍ଲକ ଅଧିନ ଚାଉପଲ୍ଲୀ ଗ୍ରାମରୁ ପୋଲିସ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଅଭିଯୋଗରେ ସହଦେବ ବାରିକ(୩୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସଂପୃକ୍ତ ଯୁବକ ପାନ ଦୋକାନରେ ବିଦେଶୀ ମଦ ବିକ୍ରୀ କରୁଥିବା ନେଇ ପୋଲିସକୁ ବିଶେଷ ସୁତ୍ରରୁ ସୂଚନା ମିଳିଥିଲା ।

## କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧି ନୀତି ବିରୋଧରେ ୭ଟି ଦଳର ରାଜ୍ୟସ୍ତରୀୟ ମିଳିତ ଗଣଧାରଣା

ଭୁବନେଶ୍ୱର : କେନ୍ଦ୍ର ସରକାରଙ୍କ କୃଷକ ଓ ଶ୍ରମିକ ବିରୋଧି ଆର୍ଥିକ ନୀତି ଏବଂ ବିଦ୍ୱେଷ ଓ ବିଭାଜନର ରାଜନୀତି ସାଂଗକୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧି ନୀତି ବିରୋଧରେ ୧୭ଦଫା ଦାବିରେ ଆଜି ମାଷ୍ଟର କ୍ୟାଂଟିନ ଛକରେ ୭ଟି ଦଳର ରାଜ୍ୟସ୍ତରୀ ମିଳିତ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଏଠାରେ ଆୟୋଜିତ ପ୍ରତିବାଦ ସଭାକୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରନ ପଟ୍ଟନାୟକ ସିପିଆଇଏମର ରାଜ୍ୟ ସଂପାଦକ ଅଳି କିଶୋର ପଟ୍ଟନାୟକ, ସିପିଆଇର ରାଜ୍ୟ ସଂପାଦକ ଆଶିଷ କାନୁନଗୋ, ସମାଜବାଦୀପାର୍ଟି ସାଧାରଣ ସଂପାଦକ ସୁଦର୍ଶନ ପ୍ରଧାନ, ସିପିଆଇ ଏମଏଲ (ରେଡଫ୍ଲାଗ)ର ନେତ୍ରୀ ପ୍ରମିଳା ବେହେରା ଏବଂ ଏନ୍‌ସିପି ରାଜ୍ୟ ସାଧାରଣ ସଂପାଦକ ବିକ୍ରମ ସ୍ୱାଇଁ ପ୍ରମୁଖଙ୍କୁ ନେଇ ଗଠିତ ସଭାପତି ମଣ୍ଡଳି ପରିଚାଳନା କରିଥିଲେ। କଂଗ୍ରେସ ନେତା ଯଜ୍ଞେଶ୍ୱର ପ୍ରତିବାଦ ଧାରଣା ଉଦ୍ଦେଶ୍ୟ ସଂପର୍କରେ ସମ୍ୟକ ସୂଚନା ଦେବାପରେ ପିସିସି ସଭାପତି ନିରନ ପଟ୍ଟନାୟକ ମୋଦି ସରକାରର ବିନାଶକାରୀ ନୀତିର କଠୋର ସମାଲୋଚନା କରି ଗତ ୭୦ ବର୍ଷରେ ଏ ଦେଶରେ ନିର୍ମିତ ହୋଇଥିବା ସରକାରୀ ସଂପତି ଓ ସଂସ୍ଥାନ ଗୁଡିକୁ ଘରୋଇ ବ୍ୟବସାୟୀଙ୍କ ହାତରେ ଶାଗମାଛ ମୂଲ୍ୟରେ ବିକିଦେବା ବିରୋଧରେ ସମସ୍ତ ଗଣତନ୍ତ୍ର ଓ ଦେଶପ୍ରେମୀ ରାଜନୈତିକ ଦଳ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାର ମଧ୍ୟ ମୋଦି ସରକାରର ସଖି କଣ୍ଢେଇ ସାଜି କେନ୍ଦ୍ରର ସମସ୍ତ ଜନବିରୋଧି ନୀତିଗୁଡ଼ିକୁ ନିସର୍ତ ସମର୍ଥନ ଜ୍ଞାପନ କରୁଥିବା ବେଳେ ରାଜ୍ୟରେ ବିଭିନ୍ନ ଜନସ୍ୱାର୍ଥ ନୀତି ପ୍ରଚଳନ କରୁଥିବାର ଏହା ବିରୋଧରେ ଗଣ ଆନ୍ଦୋଳନ ଗଢ଼ି ତୋଳିବା ଜରୁରୀ ବୋଲି କହିଥିଲେ। କଳାକୃଷି ଆଇନ ବିରୋଧରେ ଦେଶତମାମ ଚାଲିଥିବା କୃଷକ ଆନ୍ଦୋଳନ ପ୍ରତି ମୋଦି ସରକାରଙ୍କ ଆଭିମୁଖ୍ୟକୁ ନିନ୍ଦା କରିବା ସହ ଆସନ୍ତା ୨୭ ତାରିଖରେ ଭାରତ ବନ୍ଦକୁ ରାଜ୍ୟବାସୀ ସମର୍ଥନ କରିବାକୁ ନିବେଦନ କରିଥିଲେ। ଏଆଇସିସି ସଂପାଦକ ରୁଦ୍ର ରାଜୁ ମଧ୍ୟ ଦେଶର ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରୁଥିବା ସାଂପ୍ରଦାୟୀକ ଦଳଗୁଡ଼ିକର ଗୁପ୍ତ ଏଜେଣ୍ଡା ପ୍ରତି ସର୍ତକ କରିବା ସହ ମିଳିତ ଏବଂ ଐକ୍ୟବଦ୍ଧ ଆନ୍ଦୋଳନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସିପିଏମ ନେତା ଜନାର୍ଦ୍ଦନ ପତି, ସୁରେଶ ପାଣିଗ୍ରାହୀ, ସିପିଆଇ ନେତା ରାମକୃଷ୍ଣ ପଣ୍ଡା, ଅଭୟ ସାହୁ, ସିପିଆଇ ଏମଏଲ (ରେଡଷ୍ଟାର) ନେତ୍ରୀ ହେନା ବାରିକ ଏବଂ ରାଜ୍ୟ କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମାରଣ ନୀତିକୁ ସମାଲୋଚନା କରିଥିଲେ। ଏହି ଧାରଣାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ମନୋରଜନ ଦାଶ, ଅମିୟ ପାଣ୍ଡବ, କୁସୁମ ପ୍ରଧାନ, ଶ୍ରିୟାସ୍ମିତା ପଣ୍ଡା, ଦେବରାଜ ମିଶ୍ର, ଶୁଭ୍ରଜ୍ୟୋତି ଲେଙ୍କା, ସମରେନ୍ଦ୍ର ମହାନ୍ତି, ମାନସ ସେଠୀ, ଲୁଲୁ ଏହମ୍ମଦ, ଇଂ ଶିବନ, ସେକ ନିଆଜୁଲ ଇସଲାମ, ଏମଡି ସାହାଦୁଲ୍ଲା, କୁଳମଣି ସାହୁ, ବାମପନ୍ଥୀ ନେତା ସନ୍ତୋଷ ଦାସ, ଡ. ଅମିୟ ମହାନ୍ତି ଏବଂ ପ୍ରଶାନ୍ତ ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ। ଆସନ୍ତା ୨୭ ତାରିଖରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆହୁତ ଭାରତ ବନ୍ଦକୁ ସମର୍ଥନ କରି ଏକ ପ୍ରସ୍ତାବ ମଧ୍ୟ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା ଏବଂ ଏହି ବନ୍ଦକୁ ସଫଳ କରିବାକୁ ରାଜ୍ୟବାସୀଙ୍କୁ ନିବେଦନ କରାଇଥିଲେ।

## ପରକୀୟା ପ୍ରୀତିରୁ ହତ୍ୟାକାଣ୍ଡ: ଯୁବକକୁ ହତ୍ୟା

ବାଲେଶ୍ୱର:ପରକୀୟା ପ୍ରୀତିରୁ ହତ୍ୟାକାଣ୍ଡ ଘଟିଛି ବାଲିଆପାଳ ଥାନା ଅଞ୍ଚଳରେ। ସ୍ତ୍ରୀ ସହିତ ସମ୍ପର୍କ ରଖିବାରୁ ସ୍ୱାମୀ ଜଣେ ଯୁବକକୁ କଟୁରୀରେ ହତ୍ୟା କରି ଧାନ କ୍ଷେତକୁ ଫିଙ୍ଗି ଦେଇଛି। ସୂଚନା ଅନୁଯାୟୀ ବଡ଼କସବା ଗ୍ରାମର କାଙ୍ଗାଳି ପାତ୍ର ନାମକ ଜଣେ ଯୁବକ ସେହି ଗ୍ରାମର ରବିନ୍ଦ୍ର ଜେନାଙ୍କର ସ୍ତ୍ରୀଙ୍କ ସହିତ ଅନୈତିକ ସମ୍ପର୍କ ରଖି ଆସୁଥିବା ସ୍ୱାମୀ ରବିନ୍ଦ୍ର ସନ୍ଦେହ କରୁଥିଲେ। କୌଣସି କାରଣରୁ ଗତ କିଛିଦିନ ପୂର୍ବରୁ କାଙ୍ଗାଳୀ ଏବଂ ସେହି ମହିଳାଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ବୁଧବାର ରାତିରୁ କାଙ୍ଗାଳି ପାତ୍ର ହଠାତ୍ ନିଖୋଜ ହୋଇଯାଇଥିଲେ। ଏନେଇ ତାଙ୍କ ପରିବାର ପକ୍ଷରୁ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପାଇ ବାଲିଆପାଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିଲା ବେଳେ ନିକଟରେ ଥିବା ଧାନ କ୍ଷେତ ମଝିରୁ କାଙ୍ଗାଳିଙ୍କ ମୃତ ଦେହ ଠାବ କରିଥିଲେ। ତାଙ୍କ ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହେବା ସହ ରକ୍ତସ୍ରାବ ହେଉଥିଲା। ମୃତ କାଙ୍ଗାଳୀଙ୍କ ପରିବାରର ଅଭିଯୋଗ ଅନୁଯାୟୀ ପୋଲିସ ରବିନ୍ଦ୍ର ଜେନା ଓ ତାଙ୍କ ସ୍ତ୍ରୀକୁ ଅଟକ ରଖି ତଦନ୍ତ ଜାରି କରିଛି।

## ପାଣି ନଈର ଡ୍ରେନେଜ ଅସମ୍ପୂର୍ଣ୍ଣ ଚାଷୀକୁଳ ହନ୍ତସନ୍ତ

ଚଣ୍ଡିଖୋଲ: ବଡଚଣା ବ୍ଲକ ଅରଖପୁର ପଂଚାୟତ ନୀଳାମ୍ବରପୁର ଠାରୁ ପାଟନାଳ ବାହାରି ମହାଦେବଇପୁର ଗ୍ରାମ ନିକଟରେ ଗେଙ୍ଗୁଟି ନଦୀରେ ପଡିରହିଛି। ଉକ୍ତ ପାଟନାଳ ଉପରେ ଅରଖପୁର, ଗୌଡପାଟଣା, ଅରଖପୁର ପଂଚାୟତ, ପଦ୍ମାଲାଭପୁର, ସାନବ୍ରାହ୍ମଣୀ, କୁନ୍ଦଳ ଗରଗାଳି, ସଇକା-ଅଭେଇପୁର, ଅଣକା-ମହୀପୁର, ରାହାଳ-ଭୁଲୁକା, ରଘୁନାଥପୁର,ମହାଦେଇପୁର ଗ୍ରାମର ଚାଷୀମାନେ ନିର୍ଭର କରିଥାନ୍ତି। ଚାଷକାର୍ଯ୍ୟ ଉକ୍ତ ପାଣି ନାଳଟି ୧୯୮୫ ମସିହାରେ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ତାହା ଆଜି ପର୍ଯ୍ୟନ୍ତ ଡ୍ରେନେଜ କାର୍ଯ୍ୟ ସମାପ୍ତ ହୋଇପାରି ନାହି। ଉକ୍ତ ନାଳ ଉପରେ ଏ ଅଂଚଳର ଚାଷୀମାନେ ଟାଇଚନ୍ ଧାନ, ଗହମ, ପନିପରିବା ଚାଷ ଉପରେ ନିର୍ଭର କରିଥାନ୍ତି। ଗେଙ୍ଗୁଟି ନଦୀରେ ବନ୍ୟାଜଳ ଆସିବା ଓ ପ୍ରବଳ ବର୍ଷା ଯୋଗୁ ଉକ୍ତ ପାଣିନାଳଟି ସମ୍ପୂର୍ଣ୍ଣ ବୁଡି ପାଟଟି ଜଳାବର୍ଣ୍ଣ ହୋଇଯାଏ। ବର୍ତମାନ ମ୍ଭ ସେହି ଅବସ୍ଥା, ଚାଷୀମାନେ ଚାହିଁଲେ ମ୍ଭ କୌଣସି 'ସଲ ଉତ୍ପାଦନ କରିବା ପାଇଁ ସକ୍ଷମ ହୋଇପାରେ ନାହିଁ। ଚଣ୍ଡିଖୋଲରେ ଡ୍ରେନେଜ ସବଡିଭିଜନ ଉକ୍ତ କାର୍ଯ୍ୟ କରିବା କଥା, ଅଧିକନ୍ତୁ କ'ଣ ପାଇଁ କାର୍ଯ୍ୟ ହୋଇପାରୁ ନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଅଛି। ଉକ୍ତ କାଣି ନାଳରେ ଡ୍ରେନେଜ କାର୍ଯ୍ୟ ପାଇଁ କିଛି ଜମିର ଆବଶ୍ୟକତା ରହିଅଛି। ବର୍ତମାନ ସୁଦ୍ଧା ସରକାର ଜମି ଅଧିଗ୍ରହଣ କରିପାରିନାହାନ୍ତି। ପ୍ରକାଶ ଥାଉକି କାଣୀ ନାଳର ଉଭୟ ପାର୍ଶ୍ୱରେ ବନ୍ଧ ହେବା, କେତେକ ସ୍ଥାନରେ ଚାଷୀମାନେ ହଳ, ଟ୍ରାକ୍ଟର ନେବା ପାଇଁ ପୋଲ ହେବାକଥା ତାହା ଶୀଘ୍ର କରାଗଲେ ଏ ଅଂଚଳ ଚାଷୀକୂଳ ଉପକୃତ ହେବେ। ଉକ୍ତ ନାଳଟି ଗେଙ୍ଗୁଟି ନଦୀରେ ପଡିଅଛି। ସେଠାରେ ନଦୀ ଜଳକୁ ପାଟରେ ପ୍ରବେଶ ନକରିବା ପାଇଁ ଗୋଟିଏ ସୁଇଚଗେଟ ଅଛି। ଉକ୍ତ ଗେଟ୍‌ଟି ନଦୀବନ୍ଧ ଠାରୁ କମ ଉଚ୍ଚତା ଥିବାରୁ ବର୍ଷାଜଳ ମ୍ଭ ତା ଉପରେ ରହୁଥିବାର ଦେଖାଯାଏ। ଏ ସଂପର୍କରେ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ଜଳସେଚନର ସର୍ବୋଚ୍ଚ ଯନ୍ତ୍ରୀକୁ ଭେଟ କରି କାଣି ନାଳରେ ଡ୍ରେନେଜ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଆଲୋଚନା କରିଥିଲେ। ବର୍ତମାନ ଜମି ଅଧିଗ୍ରହଣ ନିୟମକୁ ସରକାର ଯେଉଁ ନିୟମ ଲାଗୁ କରିଛନ୍ତି। ଜମି ମାଲିକ ମାନେ ଅଧିକ ଅର୍ଥ ପାଇପାରିବେ ବୋଲି ସର୍ବୋଚ୍ଚ ଯନ୍ତ୍ରୀ ପ୍ରକାଶ କରିଥିଲେ। ଜମି ଅଧିଗ୍ରହଣ ହୋଇପାରିଲେ ଖୁବ ଶୀଘ୍ର ଏହି ଡ୍ରେନେଜ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବ ବୋଲି ଯନ୍ତ୍ରୀ ପ୍ରକାଶ କରିଛନ୍ତି।

## ତାଲୁକ ଆଇନ ସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର




ଖଣ୍ଡପଡା: ଖଣ୍ଡପଡା ମହିଳା ମହାବିଦ୍ୟାଳୟ ପରିସରରେ ଗୁରୁବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ଖଣ୍ଡପଡା ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଦେଓ୍ୱାନୀ ଜଜ୍ ବିଭୁଦତ ନାୟକ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପକ ସାଥୁଆ, ବିରିଷ୍ଠ ଆଇନଜୀବି ଗିରିଜା ଶଂକର ତରାସିଆ, ଯୁଧିଷ୍ଠିର ସାହୁ ପ୍ରମୁଖ ଆଇନଜୀବୀ ଓ ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ଅଧକ୍ଷା ସ୍ମିତାଶେଫାଳୀ ମହାପାତ୍ର, ଅଧ୍ୟାପକ ଡଃ. ଅଜିତ କୁମାର ବସନ୍ତରାୟ ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସଂପର୍କରେ ଆଲୋକପାତ କରିବା ସହ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

## ବିଜେଡି ଜିଲ୍ଲା ଯୁବ ସଭାପତି ରାଜେଶ ଦାସଙ୍କ ଏକ ବର୍ଷ ପୂର୍ତ୍ତିରେ ବିଭିନ୍ନ ସେବାମୂଳକ କାର୍ଯ୍ୟ



କେନ୍ଦ୍ରାପଡ଼ା : କେନ୍ଦ୍ରାପଡ଼ା ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ କାର୍ଯ୍ୟଭାର ଗ୍ରହଣ କରିବାର ଗୁରୁବାର ଏକ ବର୍ଷ ପୂର୍ତ୍ତି ଘଟିଛି। ରାଜେଶ ଦାସ ଗତ ୨୦୧୯ ନିର୍ବାଚନରେ ବିଜେଡିର ବିଧାୟକ ପ୍ରାର୍ଥୀ ମଧ୍ୟରୁ ପ୍ରଥମ ପସନ୍ଦ ଥିଲେ। କେନ୍ଦ୍ରାପଡ଼ା ଆସନ ତଫସିଲଭୁକ୍ତ ଜାତି ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ରାଜେଶ ଏହି ପଦବୀ ପାଇଁ ବିଜେଡିର ପ୍ରଥମ ପସନ୍ଦ ଥିଲେ। କିନ୍ତୁ ତାଙ୍କ ବୟସ କମ ହୋଇଥିବାରୁ ଶଶୀଭୂଷଣ ବେହେରାଙ୍କୁ ଟିକେଟ୍ ଦିଆଯାଇଥିଲା। ନିର୍ବାଚନ ପରେ ରାଜେଶଙ୍କୁ ଜିଲ୍ଲା ଯୁବ ସଭାପତି ଭାବେ ନିଯୁକ୍ତ କରାଯାଇଥିଲା। ଆସନ୍ତା ୨୦୨୪ରେ ବିଜେଡିରୁ ଟିକେଟ୍ ପାଇବା ଆଶା ତାଙ୍କର ବେଶ ଉଜ୍ଜ୍ୱଳ। ସେଥିପାଇଁ ବିଧାୟକଙ୍କୁ ପିପିଲି ଉପ ନିର୍ବାଚନରେ ଷ୍ଟାର ପ୍ରଚାରକ ଭାବେ ପଠା ନ ଯାଇ ରାଜେଶ ଦାସଙ୍କୁ ପଠାଯାଇଛି। ଗତ ୧୦ ଦିନ ଧରି ଶ୍ରୀ ଦାସ ପିପିଲିରେ ନିର୍ବାଚନ ପ୍ରଚାରରେ ଲାଗି ପଡିଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥିଙ୍କୁ ଜିତାଇବା ପାଇଁ ସେ ପ୍ରଚାର କାର୍ଯ୍ୟ ଯୋରଦାର କରିଛନ୍ତି। ଏକ ବର୍ଷ ପୂର୍ତ୍ତି ହୋଇଥିବାରୁ ସେ କିଛି ସମୟ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାକୁ ଆସି ବିଭିନ୍ନ ପ୍ରକାରର ସେବାମୂଳକ କାର୍ଯ୍ୟ କରିଥିଲେ। ବିଭିନ୍ନ ବସ୍ତିକୁ ଯାଇ ଲୋକମାନଙ୍କୁ ଖାଦ୍ୟ ସାମଗ୍ରୀ ଓ ବସ୍ତ୍ର ବଣ୍ଟନ କରିଥିଲେ। ଏହାସହ କେତେକ ଚିକିତ୍ସାଧୀନ ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ତାଙ୍କର ଏହି ସେବା ମୂଳକ କାର୍ଯ୍ୟ ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରସଂଶା କରିଛନ୍ତି। ଏ ନେଇ ଜିଲ୍ଲା ଯୁବ ବିଜେଡି ସମ୍ପାଦକ ମହେଶ ପାଢୀ, ଲେଲିନ୍ ସ୍ୱାଇଁ, ମହେନ୍ଦ୍ର ମିଶ୍ର, ରଞ୍ଜନ କର ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray